ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୪୨ ● ୮ ମାର୍ଚ୍ଚ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-42 ● 8th March 2024, Friday ● Bhubaneswar
Licensed to post without pre-payment of postage No- BN-60/22-24

## ୨୦ ବର୍ଷରେ ଓଡ଼ିଶାର ମା'ମାନେ ବହୁତ ଆଗକୁ ଆସିପାରିଛନ୍ତି

ଭୁବନେଶ୍ୱର, ୭।୩
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟସ୍ତରୀୟ ବିଶ୍ୱ ମହିଳା ଦିବସ ପାଳନ ଅବସରରେ କହିଛନ୍ତି ଯେ ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାର ମହିଳାମାନେ ବହୁତ ଉପରକୁ ଉଠି ପାରିଛନ୍ତି। ରାଜ୍ୟ ସରକାର ସେମାନଙ୍କ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଧିକାରର ସୁରକ୍ଷା ପାଇଁ ପ୍ରତିବଦ୍ଧତାର ସହ ଉଦ୍ୟମ ଜାରି ରଖିଛନ୍ତି।

ସ୍ଥାନୀୟ ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସମ୍ମାନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଆମ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ଅଛି ଯେ ଯେଉଁଠାରେ ମା'ମାନଙ୍କୁ ସମ୍ମାନ ମିଳେ,



ସେଠାରେ ଦେବତାମାନେ ବାସ କରନ୍ତି ।

ଓଡ଼ିଶାରେ ମହିଳାମାନଙ୍କର ପ୍ରଗତି ଉପରେ ନିଜର ମତାମତ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ମହିଳାମାନେ ଏବେ ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି । ସେ କହିଲେ ଯେ ରାଜ୍ୟର ୩୦ଟି ଜିଲ୍ଲା ପରିଷଦ ମଧ୍ୟରୁ ୨୦ଟିରେ ମହିଳାମାନେ ନେତୃତ୍ୱ ନେଉଛନ୍ତି । ପଞ୍ଚାୟତ ଓ ପୌର ସଂସ୍ଥା (ଭିତର ପୃଷ୍ଠାରେ)

## ଆଉଟ୍‌ସୋର୍ସିଂ କର୍ମଚାରୀମାନଙ୍କ ପାରିଶ୍ରମିକ ୨୫ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର, ୭।୩
ନ୍ୟୁଜ୍ ବ୍ୟୁରୋ

ସର୍ଭିସ୍ ପ୍ରୋଭାଇଡର ଏଜେନ୍ସିଙ୍କ ଦ୍ୱାରା ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅନେକ ପଦକ୍ଷେପ ବିଷୟରେ ଘୋଷଣା କରିଛନ୍ତି । ଏହି କର୍ମଚାରୀମାନଙ୍କ ପାରିଶ୍ରମିକରେ ୨୫ ପ୍ରତିଶତ ବୃଦ୍ଧି ଘୋଷଣା ସହିତ ଅଭିଜ୍ଞତା ଭିତ୍ତିରେ ପାରିଶ୍ରମିକ, ଅଭିଯୋଗ ଶୁଣାଣୀ ବ୍ୟବସ୍ଥା ତଥା ଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ ଆଦି ବିଷୟ ଅନ୍ତର୍ଭୁକ୍ତ।

ସୂଚନାଯୋଗ୍ୟ ଯେ ଏହି କର୍ମଚାରୀମାନେ ସେମାନଙ୍କର ବିଭିନ୍ନ ଅସୁବିଧା ସଂପର୍କରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଜଣାଇଥିଲେ। ତଦନୁଯାୟୀ ରାଜ୍ୟ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି ।



ସେମାନଙ୍କ ମାସିକ ପାରିଶ୍ରମିକରେ ୨୫ ପ୍ରତିଶତ ବୃଦ୍ଧି କରାଗଲା। ସେମାନେ ଯେପରି ମାସ ଶେଷକୁ ସେମାନଙ୍କର ପାରିଶ୍ରମିକ ଠିକ୍ ସମୟରେ ପାଇପାରିବେ ଏହା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଆଉଟ୍‌ସୋର୍ସିଂ କର୍ମଚାରୀ ଓ ସର୍ଭିସ୍ ପ୍ରୋଭାଇଡର ଏଜେନ୍ସି ମଧ୍ୟରେ ଥିବା ବିଭିନ୍ନ ବିବାଦର ସମାଧାନ ପାଇଁ ଓଡ଼ିଶା ଷ୍ଟେଟ୍ ଆଉଟ୍‌ସୋର୍ସିଂ ଏମ୍ପ୍ଲଇଜ୍ ଓମବଡ୍ସମ୍ୟାନ୍ ଗଠନ ବିଷୟ ମୁଖ୍ୟମନ୍ତ୍ରୀ (ଭିତର ପୃଷ୍ଠାରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ବିଶ୍ୱବାସୀଙ୍କୁ ଚମକାଇବେ ଋଷ ଓ ଚୀନ, ଚନ୍ଦ୍ରରେ ପ୍ରତିଷ୍ଠା ହେବ ନ୍ୟୁକ୍ଲିୟର ରିଆକ୍ଟର

ନୂଆଦିଲ୍ଲୀ, ୭।୩

ଚନ୍ଦ୍ରରେ ପ୍ରତିଷ୍ଠା ହେବ ନ୍ୟୁକ୍ଲିୟର ରିଆକ୍ଟର। ଆସନ୍ତା ଦଶନ୍ଧିରେ ଏହି ରିଆକ୍ଟର ପ୍ରତିଷ୍ଠା କରିବା ଲାଗି ଯୋଜନା କରୁଛନ୍ତି ଦୁଇ ସୁପରପାୱାର ଋଷ ଓ ଚୀନ। ଏନେଇ ସୂଚନା ଦେଇଛନ୍ତି ଋଷର ମହାକାଶ ଗବେଷଣା



ସଂସ୍ଥା ରସକସମସର ସିଇଓ ୟୁରୀ ବୋରିସୋଭ । ସେ କହିଛନ୍ତି ଚନ୍ଦ୍ରରେ ଆଣବିକ ରିଆକ୍ଟର ପ୍ରତିଷ୍ଠା ନିମନ୍ତେ ଗବେଷଣା ଜାରି ରହିଛି। ଆବଶ୍ୟକୀୟ ପ୍ରଯୁକ୍ତିଭିତ୍ତିକ କାର୍ଯ୍ୟକଳାପ ବି ପ୍ରସ୍ତୁତ ହୋଇଛି। ଆସନ୍ତା (ଭିତର ପୃଷ୍ଠାରେ)

## ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଜାରି ରହିବ ହାଲୁକା ବର୍ଷା

ଭୁବନେଶ୍ୱର, ୭।୩
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଲାଗି ରହିଛି କୋହଲା ପାଗ। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଜାରି ରହିବ ହାଲୁକା ବର୍ଷା। ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକା ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ



ଏଭଳି ପାଗ ଜାରି ରହିବ। ବିଶେଷ କରି ରାଜ୍ୟକୁ ପ୍ରଚୁର ପରିମାଣର ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହ ବଢୁଥିବାରୁ କିଛି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ଆକାଶ ମେଘୁଆ ରହିଥିଲା। ଏଥି ସହ ଅପରାହ୍ନରେ ଘଡଘଡି ବିଜୁଳି ସହ ବର୍ଷା ହୋଇଥିଲା। ଏହାସହ କଟକ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ ଆଦି ଜିଲ୍ଲାରେ ହାଲୁକା ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ଶୁକ୍ରବାର ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, (ଭିତର ପୃଷ୍ଠାରେ)





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008



୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୪୨ • ୮ ମାର୍ଚ୍ଚ ୨୦୨୪, ଶୁକ୍ରବାର • ଭୁବନେଶ୍ୱର • Vol -31 • Issue-42 • 8th March 2024, Friday • Bhubaneswar

Licensed to post without pre-payment of postage No- BN-60/22-24


## ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

ଭୁବନେଶ୍ୱର, ୭।୩

ନ୍ୟୁଜ୍ ବ୍ୟୁରୋ

ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସଂପନ୍ନ କରିବା ଉଦ୍ଦେଶ୍ୟରେ କମିଶନରେଟ ପୁଲିସ ପକ୍ଷରୁ ପ୍ରସ୍ତୁତି ବୈଠକ ପୁଲିସ ସେବା ଭବନରେ ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ପୁଲିସ କମିଶନର ଅବିନାଶ କୁମାର, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣା, ବିଏମସି କମିଶନର ରାଜେଶ ପାଟିଲ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ପ୍ରମୁଖ ବରିଷ୍ଠ ପୋଲିସ୍ ଅଧିକାରୀ ଉପସ୍ଥିତ ଥିଲେ। ଭୁବନେଶ୍ୱର ୟୁପିଡିର ସମସ୍ତ ଥାନା ଅଧିକାରୀ, ଜୋନ ଏସିପି, ତହସିଲଦାର, ବିଡ଼ିଓ ଏବଂ ଅବକାରୀ ଅଧିକାରୀମାନେ



ମଧ୍ୟ ଏଥିରେ ସାମିଲ ହୋଇଥିଲେ । କେଉଁଭଳି ଭାବେ ନିର୍ବାଚନ ପରିଚାଳନା ହେବ ସେନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ଗଠନ କରାଯିବ ସ୍ୱତନ୍ତ୍ର ଟିମ। 'ମଡେଲ କୋଡ ଅଫ କଣ୍ଡକ୍ଟ' ଲାଗୁହେବା ପରେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ କରାଇବା ପାଇଁ ଏହି ସ୍ୱତନ୍ତ୍ର ଟିମ କାମ କରିବ।

ରାସ୍ତା ଘାଟରୁ ହଟିବ ରାଜନୈତିକ ଦଳ ମାନଙ୍କର ପ୍ରଚାର ପୋଷ୍ଟର। ବିଏମସି ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ପବ୍ଲିକ ପ୍ଲେସରୁ ସମସ୍ତ ବିଜ୍ଞାପନକୁ ହଟାଯିବା ସହ ଆବଶ୍ୟକ ପଡ଼ିଲେ ଜିଲ୍ଲାପାଳଙ୍କ ପକ୍ଷରୁ ସ୍ୱତନ୍ତ୍ର ଗାଇଡ଼ ଲାଇନ କରାଯିବ ଓ *(ଭିତର ପୃଷ୍ଠାରେ)*

## ଆଶା କର୍ମୀମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି

ଭୁବନେଶ୍ୱର, ୭।୩

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ରାଜ୍ୟର ଆଶା କର୍ମୀ ମାନଙ୍କର ମାସିକ ପାରିଶ୍ରମିକରେ ବୃଦ୍ଧି ଘୋଷଣା କରିଛନ୍ତି । ଏହା ସହିତ ଆଶା କର୍ମୀଙ୍କର ସେବା ନିବୃତ୍ତି ପ୍ରୋତ୍ସାହନ ରାଶିରେ ମଧ୍ୟ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ରାଜ୍ୟର ୪୯,୫୨୨ ଆଶା କର୍ମୀ ଉପକୃତ ହେବେ । ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୪୮.୫୭ କୋଟି ଟଙ୍କା ଖର୍ଚ୍ଚ କରିବେ।

ସୂଚନାଯୋଗ୍ୟ ଯେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ଆଶା କର୍ମୀ ତଥା ସେମାନଙ୍କ ସଙ୍ଗଠନ ଗୁଡିକ ତାଙ୍କୁ ଭେଟି ଏହି ପାରିଶ୍ରମିକ ବୃଦ୍ଧି ସମ୍ପର୍କରେ ଅନୁରୋଧ



ଓ ପ୍ରସ୍ତାବ ଦେଇଥିଲେ।

ଏହି ନୂତନ ଘୋଷଣା ଅନୁଯାୟୀ, ଆଶା କର୍ମୀମାନଙ୍କ ମାସିକ ପାରିଶ୍ରମିକ ୪,୫୦୦ ଟଙ୍କାରୁ ୭,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେବା ନିବୃତ୍ତି ସମୟରେ ପୂର୍ବରୁ ସେମାନେ *(ଭିତର ପୃଷ୍ଠାରେ)*

## ବରିଷ୍ଠ ନାଗରିକଙ୍କ ଜୀବନଚର୍ଯ୍ୟାରେ ଉନ୍ନତି ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବେ

ଭୁବନେଶ୍ୱର, ୭।୩

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ଫୋକସରେ ବରିଷ୍ଠ ନାଗରିକ । ଏବେ ବୟସ୍କ ମାନଙ୍କ ଅନୁପାତ ବୃଦ୍ଧି ଘଟୁଥିବାରୁ ରାଜ୍ୟ ବରିଷ୍ଠ ନାଗରିକ ନୀତିରେ ସଂଶୋଧନ କରାଯିବ। ଓଡ଼ିଶା ବରିଷ୍ଠ ନାଗରିକ ନୀତି ୨୦୧୬ରେ




ସଂଶୋଧନ ଲାଗି ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏନେଇ ନୀତି ପ୍ରଣୟନ ଉଦ୍ଦେଶ୍ୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୦୨୬ ବେଳକୁ ଓଡ଼ିଶାରେ ବରିଷ୍ଠ *(ଭିତର ପୃଷ୍ଠାରେ)*

## କଶ୍ମୀରରେ ମୁଁ ହୃଦୟ ଜିତିବାକୁ ଆସିଛି: ପ୍ରଧାନମନ୍ତ୍ରୀ ମୋଦି



ଶ୍ରୀନଗର, ୭।୩

ଧାରା ୩୭୦ ଉଚ୍ଛେଦ ହେବା ପରେ ପ୍ରଥମ ଥର ପାଇଁ କାଶ୍ମୀର ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେଠାରେ ୬,୪୦୦ କୋଟିର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ।

ଶ୍ରୀନଗର ବକ୍ସି ଷ୍ଟାଡିୟମ୍‌ରେ ବିକଶିତ ଭାରତ ବିକଶିତ ଜମ୍ମୁ-କଶ୍ମୀର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ଯୋଗ ଦେଇ *(ପୃଷ୍ଠା ୭ରେ)*




ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

## ଆକ୍ସନ ମୁଡ୍‌ରେ ରିଜର୍ଭ ବ୍ୟାଙ୍କ

ଆଇନ ଉଲ୍ଲଂଘନ କରୁଥିବା କିମ୍ବା ଆଇନ ପାଳନ କରିବାରେ ଅବହେଳା କରୁଥିବା କୌଣସି ସଂସ୍ଥା ଖସିପାରିବେନି। ଆଇନ ମାନିବାକୁ ବାଧ୍ୟ। ଯେଉଁମାନେ ନମାନିବେ ସେମାନଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ସାମ୍ନା କରିବାକୁ ପଡ଼ିବ। ଆର୍ଥିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ପରୋକ୍ଷରେ ଏଭଳି ବାର୍ତ୍ତା ଦେଇଥିବା ଭଳି ମନେ ହେଉଛି। କାରଣ ଗତ କିଛି ଦିନ ଭିତରେ ରିଜର୍ଭ ବ୍ୟାଙ୍କ କିଛି ନାମକରା ସଂସ୍ଥା ବିରୋଧରେ ଯେଉଁଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାହା ଏଭଳି କିଛି ଇଙ୍ଗିତ କରୁଛି। ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧୀନରେ ପରିଚାଳିତ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ, ଆଇଆଇଏଫ୍ଏଲ୍ ଫାଇନାନ୍ସ ପରେ ମଙ୍ଗଳବାର ଜେଏମ୍ ଫାଇନାନ୍ସିଆଲ ପ୍ରଡକ୍ଟସ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଳିତ ବର୍ଷ ଜାନୁଆରି ଶେଷ ସପ୍ତାହରେ ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାହାର ଜମା ଓ ଅଗ୍ରୀମ କାରବାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇଛନ୍ତି।

ସବୁଠୁ ବଡ଼ କଥା ହେଉଛି ବହୁବାର ଆଲୋଚନା ପରେ ଏହା ନରମ ମନୋଭାବ ପୋଷଣ କରୁନାହିଁ। ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କକୁ ଅତିରିକ୍ତ ସମୟ ଦିଆଯାଇଛି, କିନ୍ତୁ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରାଯାଇନାହିଁ। ପେଟିଏମ୍ ଭଳି ଆଇଆଇଏଫ୍ଏଲ୍ ଫାଇନାନ୍ସର ସୁନା ଋଣ କାରବାର ଉପରେ ମଧ୍ୟ ରିଜର୍ଭ ବ୍ୟାଙ୍କ କଟକଣା ଲଗାଇଛନ୍ତି। ସୁନା ଋଣ ମଞ୍ଜୁର ଓ ଆବଣ୍ଟନ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ଜେଏମ୍ ଫାଇନାନ୍ସିଆଲ ପ୍ରଡକ୍ଟସ୍ ଉପରେ କଟକଣା ଜାରି କରି ସେୟାର ଓ ଡିବେଞ୍ଚର ବଦଳରେ ଋଣ ଦେବାକୁ ଏହାକୁ ମନା କରାଯାଇଛି। ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ବଦଳରେ ମଧ୍ୟ ଏହା ଋଣ ଦେଇପାରିବନି। ଏହି କଟକଣା ତତ୍କାଳ ଲାଗୁ କରିବାକୁ ରିଜର୍ଭ ବ୍ୟାଙ୍କ କହିଛି। କମ୍ପାନିର ଋଣ ମଞ୍ଜୁରି ପ୍ରକ୍ରିୟାରେ ଗମ୍ଭୀର ତ୍ରୁଟି ଥିବା ଜଣାପଡ଼ିବା ପରେ ରିଜର୍ଭ ବ୍ୟାଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ବିଭିନ୍ନ ବ୍ୟାଙ୍କ ଉପରେ ଜରିମାନା ଲାଗୁ କରିବାକୁ ମଧ୍ୟ ରିଜର୍ଭ ବ୍ୟାଙ୍କ ପଛାଉନାହିଁ। ଫେବ୍ରୁଆରି ୨୯ରେ ଏହା ନାଗପୁରର ଶିକ୍ଷକ ସହକାରୀ ବ୍ୟାଙ୍କ, ମୁମ୍ବାଇର ପ୍ରୋଗ୍ରେସିଭ୍ କୋଅପରେଟିଭ୍ ବ୍ୟାଙ୍କ, ସୋଲାପୁରର ସୋଲାପୁର ଡିଷ୍ଟ୍ରିକ୍ଟ କୋ-ଅପରେଟିଭ୍ ବ୍ୟାଙ୍କ, ଉତ୍ତରପ୍ରଦେଶର ନବଲ୍ କୋ-ଅପରେଟିଭ ବ୍ୟାଙ୍କ, ମୁଜାଫରନଗରର ଆଦର୍ଶ ମହିଳା କୋ-ଅପରେଟିଭ୍ ବ୍ୟାଙ୍କ ଉପରେ ଜରିମାନା ଲାଗୁ କରିଥିଲା। ତାହାର ଗୋଟିଏ ଦିନ ପୂର୍ବରୁ ଏହା ରାଜସ୍ଥାନର ସୁମେରପୁର ମର୍କେଣ୍ଟାଇଲ୍ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ଲାଇସେନ୍ସ ରଦ୍ଦ କରିଥିଲା। ଫେବ୍ରୁଆରି ୨୪ରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ କାନାରା ବ୍ୟାଙ୍କ, ସିଟି ୟୁନିୟନ୍ ବ୍ୟାଙ୍କ, ରାଉରକେଲାର ଓପନ କ୍ୟାପିଟାଲ୍ ମାର୍କେଟ୍ ଲିମିଟେଡ୍, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଉପରେ ଜରିମାନା ଲାଗୁ କରାଯାଇଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

**' ଯତ୍ର ନାରୀୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା'**

ଏହାର ଅର୍ଥ ହେଲା ଯେଉଁଠି ନାରୀଙ୍କୁ ସମ୍ମାନ କରାଯାଏ ସେଠାରେ ଦେବତାଙ୍କ ବାସ ହୋଇଥାଏ । ଆମ ଦେଶରେ କେଉଁ ପ୍ରାଚୀନ କାଳରୁ ମହିଳାଙ୍କ ସମ୍ମାନ ପ୍ରତି ଧ୍ୟାନ ଦିଆଯାଇଛି । ଆମେ ଆମ ଜନ୍ମ ଭୂମିକୁ ମାତୃଭୂମି କହିଥାଉ । ଆମ ଭାଷାକୁ ମାତୃଭାଷା କହିଥାଉ। ଶକ୍ତି ଉପାସନା ଆମ ଦେଶରେ କେଉଁ ଆଦିମ କାଳରୁ ରହି ଆସିଛି । ବିଦ୍ୟାର ଅଧିଷ୍ଠାତ୍ରୀ ଭାବେ ସରସ୍ୱତୀଙ୍କୁ ଆରାଧାନା କରୁ । ସେହିପରି ଲକ୍ଷ୍ମୀଙ୍କ ଆରାଧନା ପ୍ରତେକ ଘରେ ହୋଇଥାଏ, ମୋହେଞ୍ଜୋଦାରୋ ଏବଂ ହରପ୍ପାକୁ ଖନନ କଲାପରେ ସ୍ତ୍ରୀ ମୂର୍ତ୍ତି ମିଳିଛି। ସେଉଠୁ ଆମେ ବୁଝିବା ଯେ ସେହି ସମୟରେ ମଧ୍ୟ ଲୋକମାନେ ଶକ୍ତିର ଉପାସନା ଜାଣିଥିଲେ। ମହିଳା ଏବଂ ପୁରୁଷଙ୍କ ଦ୍ୱାରା ଆମ ସମାଜ ଗଠନ ହୋଇଛି କିନ୍ତୁ ମହିଳାଙ୍କ ଉପରେ ଆତ୍ୟାଚାର କମିବାର ନା ନେଉନାହିଁ । ସ୍କୁଲରେ, କଲେଜରେ, ରାସ୍ତାରେ ଏବଂ ଟ୍ରେନରେ ମହିଳାଙ୍କ ସହ ଆତ୍ୟାଚାର ଏବଂ ଆକ୍ରମଣ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ମହିଳାଙ୍କ ଉପରେ ହୋଇଥିବା ଆକ୍ରମଣକୁ ବନ୍ଦ କରିବାପାଇଁ ବିଭିନ୍ନ ଆଇନ ଏବଂ ବିଲ୍ ପାସ୍ କରା ଯାଇଛି କିନ୍ତୁ କେବେ କାର୍ଯ୍ୟକାରୀ ହେବ ତାକୁ ଧରି ପ୍ରଶ୍ନବାଚୀ ଉଠିଛି । କିଛି ସ୍ଥାନରେ ଅପରାଧୀ ଦ୍ୱାରା ପୀଡ଼ିତାକୁ ମାମଲାକୁ ରଫା ଦଫା କରିବା ପାଇଁ ଧମକ ଚମକ ଦିଆ ଯାଇଥାଏ । ମହିଳାଙ୍କ ସମ୍ମାନକୁ ଧରି ଆମ ଦେଶର ସ୍ୱାଧୀନତା ଉପରେ ପ୍ରଶ୍ନ ଉଠିଛି ।

ଅନ୍ତର୍ଜାତୀୟ ମହିଳା ଦିବସ ପ୍ରଥମଥର ଯୁକ୍ତରାଷ୍ଟ୍ର ଆମେରିକା ମାର୍ଚ୍ଚ ୮, ୧୯୦୯ ପାଳନ କରାଯାଇଥିଲା। ତା'ପରେ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରଯାଇଥିଲା । ଏହି ଅବସରରେ ବିଭିନ୍ନ ବରିଷ୍ଠ ମହିଳାଙ୍କୁ ନିମନ୍ତ୍ରଣ କରି ମଞ୍ଚ ଉପରେ ବସାଇ, ଉପଢୌକନ ଦେଇ ମହିଳାଙ୍କୁ ସମ୍ମାନିତ କରାଯାଏ । ବିଭିନ୍ନ ସ୍ଥାନରେ ମହିଳା ଦିବସ ଦିନ ମହିଳାଙ୍କୁ ଧରି ଆଲୋଚନା ଚକ୍ର ଅନୁଷ୍ଠିତ କରାଯାଇଥାଏ । ଏହି ଆଲୋଚନା ଚକ୍ରରେ ମହିଳାଙ୍କ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସମସ୍ୟା ବିଷୟରେ ଚର୍ଚ୍ଚା ହୋଇଥାଏ । ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଭିନ୍ନ ଦେଶରେ ଜାତୀୟ ଛୁଟି ଘୋଷିତ କରାଯାଉଛି।

ଭାରତର ଜାତୀୟପିତା ମହାତ୍ମା ଗାନ୍ଧୀ କହିଥିଲେ କି " The day a woman can walk freely on the roads at night, that day we can say that India has achieved independence"

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜୱାହର ଲାଲ ନେହେରୁ କହିଥିଲେ କି " If you educate a man you educate an individual but if you educate a woman you educate an whole family "

ମହିଳାଙ୍କର ଅବଦାନ ଆମର ଜନ୍ମ ଠାରୁ ମୃତ୍ୟୁ ଯାଏଁ ସବୁଠାରେ ରହିଛି । ମଣିଷ ଯେବେ ସବୁଠାରୁ ଅସହାୟ ହୋଇଥାଏ ସେତେବେଳେ ମା'ହିଁ ତାକୁ ସାହାରା ହୋଇଥାଏ। ମା' ତାକୁ ଚାଲିବା ଶିଖେଇଛି, ଦୁନିଆରେ ଠିଆ ହେବାପାଇଁ ମାନସିକ ବଳ ଯୋଗେଇଛି । ସେହିପରି ପତ୍ନୀ ଜୀବନରେ ସୁଖ ଦୁଖର ସାଥି ହୋଇଛି । ଆମ ଜୀବନର ପ୍ରତେକ ଅବସ୍ଥାରେ ଆମେ ମହିଳାଙ୍କୁ ପାଇଛୁ ଆମ ସାଥିରେ ଠିଆ ହୋଇ ଆମର ମନୋବଳକୁ ବୃଦ୍ଧି କରିବାପାଇଁ । ମହିଳାଙ୍କ ଭିତରେ ରହିଥିବା ଆତ୍ମବଳ ଦେଶର ଜନକ ଗାନ୍ଧିଜୀ ବୁଝିଥିଲେ । ଆମର ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ଯଥେଷ୍ଟ ଭୂମିକା ରହିଥିଲା । ସରୋଜିନୀ ନାଇଡୁଙ୍କ ପରି ନାରୀନେତ୍ରୀ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଶା ଦେଇଥିଲେ। ଶହ ଶହ ମହିଳା ପୁରୁଷଙ୍କ ସହିତ ପାଦ ମିଶେଇ ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ । ଆମ ସ୍ୱାଧୀନତା ସଂଗ୍ରାମରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କୁ ଜେଲ୍ ମଧ୍ୟ ଯିବାକୁ ପଡିଥିଲା । ସୁଭାଷ ଚନ୍ଦ୍ର ବୋଷ ମଧ୍ୟ ମହିଳାଙ୍କର ମହାନ ଅବଦାନ ବିଷୟରେ ବୁଝିଥିଲେ । ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ ହିନ୍ଦ ଫୌଜରେ ଝାନ୍ସି ରାଣୀ ରେଜିମେଣ୍ଟ କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଯେଉଁ ଠାରେ ମହିଳା ମାନେ ଯୋଗଦେଇ ଯୁଦ୍ଧ କୌଶଳ ଶିଖୁଥିଲେ ଏବଂ ବ୍ରିଟିଶ ସରକାର ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ଭଗବାନ ବୁଦ୍ଧ ନ ଖାଇ ନ ପି'ସାଧନା କରି ଦୁର୍ବଳ ହୋଇଥିବା ସମୟରେ ଜଣେ ମହିଳା ଯାହାର ନାଁ ସୁଜାତା କ୍ଷିରୀ ଦେଇଥିଲେ ଏବଂ ସେହି କ୍ଷିରୀ ଖାଇବା ପରେ ବୁଦ୍ଧଙ୍କ ଶରୀରରେ ଶକ୍ତି ଆସିଥିଲା ଏବଂ ସିଏ ପରବର୍ତ୍ତୀ ସମୟରେ ଆତ୍ମଜ୍ଞାନ ପାଇଥିଲେ । ଭାରତରେ ବିଭିନ୍ନ ରାଜନୈତିକ ଦଳ ଏବଂ ବିଭିନ୍ନ ଗଣ ସଂଗଠନଙ୍କ ଦ୍ୱାରା ବରିଷ୍ଠ ମହିଳାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ତାଙ୍କୁ ପୂଜା ଅର୍ଚ୍ଚନା କରାଯାଇଥାଏ। ଭାରତର ସ୍ୱାଧୀନତା ସଂଗ୍ରାମୀ ସରୋଜିନୀ ନାଇଡୁ ଏବଂ ରାଣୀ ଲକ୍ଷ୍ମୀ ବାଇଙ୍କ ଦେଶର ସ୍ୱାଧୀନତା ପାଇଁ ମହତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ରାଣୀ ଲକ୍ଷ୍ମୀ ବାଇ ଭାରତର ସ୍ୱାଧୀନତା ପାଇଁ ବ୍ରିଟିଶ ସରକାର ଉପରେ ଖଣ୍ଡା ଚଳେଇଥିଲେ। ଏହା ଫଳରେ ଇଂରେଜମାନେ ଭୟଭୀତ ହୋଇଯାଇଥିଲେ। ଏହିପରି ଆମ ଦେଶର ମହିଳାମାନେ ସବୁଥିରେ ଆଗୁଆ। ତେଣୁ ତାଙ୍କୁ ସମ୍ମାନ ଦେବା ପାଇଁ ଏହି ଦିବସଟି ପାଳନ କରାଯାଇଥାଏ।

# ହିନ୍ଦୁଧର୍ମର ପ୍ରାଣର ପ୍ରାଣ "ମହାଯୋଗୀ ଶିବ"



ପ୍ରଦୀପ ସେନାପତି
ସାମନ୍ତରାପୁର,
ଭୁବନେଶ୍ୱର-୨,
ମୋ : ୭୮୪୮୮୯୮୪୫୬



ମହାମୃତ୍ୟୁଞ୍ଜୟ ମହାଯୋଗୀ, ମହାଶକ୍ତି ମହାଦେବ, ଶିବ ହିଁ ଓଡ଼ିଆ ଜାତି ଓ ଭାରତୀୟ ହିନ୍ଦୁଧର୍ମର ପ୍ରାତଃ ସ୍ମରଣୀୟ ଆରାଧ୍ୟ ଦେବତା ଓ ପ୍ରାଣର ପ୍ରାଣ ମହାଦେବ ସ୍ୱୟଂ ଭୁ ମହାଶକ୍ତିମାନ "ଶିବ"। ଭାରତୀୟ ଧର୍ମ, ସଂସ୍କୃତି, ଇତିହାସ, ସାହିତ୍ୟ, ଶିଳ୍ପ, ଭାସ୍କର୍ଯ୍ୟ ତଥା ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନର ପ୍ରାଣକେନ୍ଦ୍ର ଶ୍ରୀ ବିଶ୍ୱନାଥ। ଯୁଗ ଯୁଗରୁ ଶ୍ରୀ ଶ୍ରୀ ଶ୍ରୀ ମହାଦେବଙ୍କୁ କେନ୍ଦ୍ରକରି ଭାରତର ଜନଜୀବନରେ ଏକ ସମନ୍ୱୟାତ୍ମକ ସାଂସ୍କୃତିକ ସ୍ରୋତ ପ୍ରବାହିତ ତଥା ଉନ୍ନତ ରୁଚି ଓ ସଂସ୍କାରବୋଧ ଦ୍ୱାରା ଏହା ଉଜ୍ଜୀବିତ। ଶତାବ୍ଦୀ ଶତାବ୍ଦୀ ଧରି ଏହି ସାଂସ୍କୃତିକ ସ୍ରୋତ ଓଡ଼ିଆ ଜାତିର ଭାରତୀୟ ଜୀବନ ଚର୍ଯ୍ୟାକୁ ସୁନ୍ଦର, ସମୃଦ୍ଧ, ସୃଜନଶୀଳ ଓ ପରିପୂର୍ଣ୍ଣ କରି ଆସିଛି। ଯୁଗେ ଯୁଗେ ଭାରତୀୟ ଜାତି ସର୍ବଶକ୍ତିମାନ ବଳିୟାନ ଶ୍ରୀ ଶିବଙ୍କ ଅଭୟପ୍ରଦ ସୁରକ୍ଷା ବଳୟରେ ରହି ନିଜ ଜୀବନକୁ ଧନ୍ୟ କରିପାରିଛି। ଭାରତୀୟ ହିନ୍ଦୁଜାତି ଜନ୍ମଠାରୁ ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ଜୀବନର ପ୍ରତିଟି ସ୍ତରରେ ଏହି ମହାନଶକ୍ତିଙ୍କର ସ୍ମରଣ, ମନନ ଓ ଭଜନରେ ମନୋନିବେଶ କରି ପରିଶେଷରେ ତାଙ୍କରି ନିର୍ମାଲ୍ୟ, ଆଶୀର୍ବାଦ କଣିକାକୁ ଆଶ୍ରା କରିଥାଏ। ସଂକ୍ଷେପରେ ଉଲ୍ଲେଖ କଲେ "ମହାଦେବ ଶିବ" ଭାରତୀୟଙ୍କ ଜନ ଜୀବନରେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇ ପ୍ରାଣର ପ୍ରାଣ ସ୍ୱରୂପରେ ପ୍ରତିଭାତ। ସମଗ୍ର ବିଶ୍ୱ ଜାଣିଛି, ଭାରତୀୟଙ୍କ ଆଧ୍ୟାତ୍ମିକ ପରିଚୟ ଶୈବପୀଠର ଏକୁଡ଼ିଶାଳ ଭାରତ। ଭାରତୀୟ ଜନଜୀବନରେ ଶ୍ରୀ ଶିବଙ୍କୁ କେନ୍ଦ୍ରକରି ଭାବ ଓ ଆତ୍ମୀୟତାର ଅଭୂତପୂର୍ବ ସୌରଭ ସୃଷ୍ଟି ହୋଇଛି। ଏହି ମହାଶକ୍ତି ଶିବଙ୍କ ଠାରେ ଭାରତୀୟଙ୍କର ଅତୁଟ ଭକ୍ତି। ସେ ହିଁ ଆମ ଭାରତୀୟଙ୍କର ଇଷ୍ଟ, ବନ୍ଧୁ, ସହୋଦର, ପିତା, ମାତା, ଗୁରୁ, ମନ, ଆତ୍ମା ଓ ପ୍ରାଣପ୍ରତିଷ୍ଠାତା। ଜୀବକୁ ମୃତ୍ୟୁ ଦେଇ ପୁଣି ଜୀବଦାନ ଦେବାର କ୍ଷମତା ତାଙ୍କରି ଠାରେ ଅଛି। ଜୀବଦ୍ଦଶାରେ ଅନ୍ତତଃ ଥରୁଟିଏ ଶୈବପୀଠ ଯାଇ ବୃଷଭଙ୍କୁ କୁଣ୍ଢାଇ ଧରି ମହାଦେବଙ୍କ ମୁଖାରବିନ୍ଦ ଦର୍ଶନ ନିମିତ୍ତ ସକଳ ଭାରତୀୟ ବ୍ୟାକୁଳ। ଜନ୍ମ, ଜୀବନ କାଳ ଓ ମୃତ୍ୟୁରେ "ଶିବ" ହିଁ ଆମର ଗତି ମୁକ୍ତି ଓ ଭୁକ୍ତିଦାତା। ଭାରତୀୟଙ୍କ ହୃଦୟରେ "ଶିବ"ଙ୍କ ନିମିତ୍ତ ଏକ ଅନ୍ତର୍ମୁଖୀ ଭକ୍ତି ଓ ଶ୍ରଦ୍ଧା ସର୍ବଦା ଜାଗ୍ରତ ରହିଆସିଛି। ତାଙ୍କ କରୁଣା ବିନା ଭବସାଗରରୁ ଉଦ୍ଧାର ପାଇବା ସହଜ ନୁହେଁ। ସକଳ ଭୋଗ, ଐଶ୍ୱର୍ଯ୍ୟ ଓ ଦୁଃଖ ଯାତନାରେ ମହାଶକ୍ତି ଶିବ ହିଁ ଆମର ସାହା ଭରସା। ମହାଶକ୍ତି ଶିବଙ୍କର "ମହାଶିବରାତ୍ରୀ" ବର୍ଷକରେ ଥରୁଟିଏ ଯାତ୍ରାପର୍ବ ଆମମାନଙ୍କ ମଧ୍ୟରେ ସଂପ୍ରୀତି ମାନବିକତା, ଗୋଷ୍ଠୀଗତ ଐକ୍ୟ ଓ ଆଧ୍ୟାତ୍ମିକ ଚେତନାକୁ ସୁଦୃଢ କରିପାରିଛି। ସଂକ୍ଷେପରେ ଉଲ୍ଲେଖ କଲେ ହିନ୍ଦୁମାନଙ୍କ ଜନଜୀବନ, ସାମାଜିକ ପରମ୍ପରା, ରାଜନୀତି ଓ ଆଧ୍ୟାତ୍ମିକ ଚେତନା "ଶ୍ରୀ ଶିବ"ଙ୍କ ଅଦୃଶ୍ୟ ଇଙ୍ଗିତରେ ପରିଚାଳିତ। ଶୈବପୀଠ, ଶୈବକ୍ଷେତ୍ରର ଦେଶ କହିଲେ ଭାରତକୁ ହିଁ ବୁଝାଇଥାଏ। ଏପରିକି, ଭାରତୀୟମାନେ ଶୈବକ୍ଷେତ୍ରର ନାଗରିକ ଭାବରେ ବିଶ୍ୱରେ ମାନ୍ୟତା ପାଇଥାନ୍ତି। ଭାରତୀୟମାନଙ୍କ ଚେତନାରେ "ଶିବ"ଙ୍କୁ କେନ୍ଦ୍ର କରି ଯେଉଁ କାହାଣୀ, କିମ୍ବଦନ୍ତୀ, ଲୋକୋକ୍ତି, ଢଗଢମାଳି ଓ ପ୍ରବଚନ ସୃଷ୍ଟି ହୋଇଛି, ତାହା ବିଶ୍ୱବାସୀଙ୍କୁ ବିସ୍ମୟାଭିଭୂତ କରିଛି। ଭାରତୀୟମାନେ ଯୁଗେ ଯୁଗେ ଶିବଙ୍କୁ କଲ୍ୟାଣକାରକ ଚିନ୍ତା କରି ଆସିଛନ୍ତି। ମହନୀୟତା ହେଉଛି ସକଳ କାର୍ଯ୍ୟ ଆରମ୍ଭରେ ହିନ୍ଦୁମାନେ ତିଥି, ବାର, ନକ୍ଷତ୍ର, ଯୋଗ, ଲଗ୍ନ, ମୁହୂର୍ତ୍ତ ଓ ଜାତକ ବିଚାର ନକରି ସର୍ବମଙ୍ଗଳ ଓଁ "ନମଃ ଶିବାୟଃ" ଉଚ୍ଚାରଣ ପୂର୍ବକ କାର୍ଯ୍ୟ ନିର୍ବାହ କରିଥାନ୍ତି। ଆମମାନଙ୍କ ଅନ୍ତର୍ଦୃଷ୍ଟିରେ ସେ କେବଳ ମନ୍ଦିରରେ ସୀମାବଦ୍ଧ ନୁହଁନ୍ତି, ତାଙ୍କର କୈଳାଶ ମାନସରୋବର ପର୍ବତ ମୁଖ୍ୟ ସ୍ଥାନ ଅଟେ। ଆମର ଗ୍ରାମ, ଗୃହର ଭାଗବତ ଟୁଙ୍ଗି, ପ୍ରତିଟି ପରିବାରର ଠାକୁର ଘରେ ପୂଜିତ ହୁଅନ୍ତି। ଆମ୍ଭମାନଙ୍କର ଆରାଧ୍ୟ ଦେବତା ଦେବ ଦେବ ମହାଦେବ, ସେ ଭାରତର ନେତା ଏବଂ ଭାରତର ପ୍ରତ୍ୟେକ ସ୍ଥାନରେ, ବୃକ୍ଷରେ ବିରାଜିତ।

**ଭାରତରେ ନାହିଁ ନେତା ପ୍ରୟୋଜନ,**
**ଭାରତର ନେତା ସ୍ୱୟଂ ଭଗବାନ।**
**ଭାରତର ସବୁ ବୃକ୍ଷ କଳ୍ପବଟ,**
**ପ୍ରଭୁ ମହାଦେବ ସର୍ବତ୍ର ପ୍ରକଟ।**

ଭାରତୀୟଙ୍କ ରାଜନୈତିକ ଜୀବନରେ ମହାପ୍ରଭୁ ବିଶ୍ୱନାଥ ହିଁ ଭାରତର ସାର୍ବଭୌମ ସମ୍ରାଟ। ଭାରତୀୟ ଜାତି ତାଙ୍କୁ ବହୁ ନାମରେ ସମ୍ବୋଧନ କରି କୃତ୍ୟକୃତ୍ୟ ହୋଇଛି। ରାଜକୀୟ ପରିପାଟୀରେ ରାଜସୁଖ ଉପଭୋଗ ନକରି ସାଧାରଣ ଭକ୍ତମାନଙ୍କ ଠାରୁ ସେ ଦୂରେଇ ରୁହନ୍ତି ନାହିଁ। ସେ ସକଳ ଜାତିର ଅତିପ୍ରିୟ, ଅତିଆପଣାର ଗଣଦେବତାର ଆସନ ଅଳଙ୍କୃତ କରିଛନ୍ତି। ତାଙ୍କ ବାହୁଛାୟା ତଳେ ସକଳ ଭାରତୀୟ ସୁରକ୍ଷିତ ଓ ନିର୍ଭର ହୋଇ କୁହନ୍ତି - "ଡ଼ର କାହାକୁ, ଭୟ କାହାକୁ, ଈଶ୍ୱର ଅଛନ୍ତି ଆମ ପାଖକୁ"। ଭାରତୀୟମାନଙ୍କର ଆଜିର ଏହି ପବିତ୍ର "ମହାଶିବରାତ୍ରୀ" ଯାତ୍ରାପର୍ବ ବିଶ୍ୱର ସର୍ବବୃହତ୍ ଲୋକ କଲ୍ୟାଣକାରୀ ଉପବାସପର୍ବ ମହୋତ୍ସବ। ଭାରତୀୟମାନଙ୍କର ଏହି ଜାତୀୟ ପର୍ବର ସ୍ପର୍ଶରେ ବିଶ୍ୱର ସକଳ ଧର୍ମ, ମତବାଦ ଓ ଦର୍ଶନ ସମନ୍ୱୟର ମହାଭାବରେ ରୂପାନ୍ତରିତ। ଏହି ପର୍ବ ଅବସରରେ କୋଟିକୋଟି, ଅଗଣିତ ଭାରତୀୟ ସ୍ଥାନକାଳ ପାତ୍ର ନିର୍ବିଶେଷରେ ବିଶ୍ୱର କୋଣେ ଅନୁକୋଣେ ଏହି ପାଳନ ପୂର୍ବକ ସାରା ବିଶ୍ୱକୁ ସଂହତି ଓ ସଂପ୍ରୀତିର ମହାମନ୍ତ୍ରରେ ଅନୁରଣିତ କରିଛନ୍ତି। ଆମ୍ଭମାନଙ୍କ ଚେତନାରେ "ବିଶ୍ୱନାଥ"ହେଉଛନ୍ତି ବିଶ୍ୱର ପିତା ଓ ମା ପାର୍ବତୀ ହେଉଛନ୍ତି ଜଗତଜନନୀ। ତାଙ୍କରି କ୍ରନ୍ଦନରୁ ମାନସପୁତ୍ର "ବିଘ୍ନରାଜ ଗଣେଶ"ଙ୍କୁ "ମହାଦେବ ଶିବ" ହତ୍ୟା କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଜୀବନଦାନ ଦେଇ ପୁନର୍ଜନ୍ମ ଲାଭ କରି ଅଗ୍ରଦେବତା ଭାବରେ ପୂଜିତ ହୋଇଛନ୍ତି। ସ୍ୱର୍ଣ୍ଣ ଲଙ୍କେଶ୍ୱରର ରାଜା "ରାବଣ"ଙ୍କୁ ତାର ତପସ୍ୟାରେ ମୁଗ୍ଧହୋଇ ଅମର ବର ପ୍ରଦାନ କରିଥିଲେ। ତାର କୁକର୍ମର ଫଳ ଭୋଗିବାକୁ ପଡ଼ିଥିଲା। ଭସ୍ମାସୁର ମଧ୍ୟ ଅମର ବର ପାଇ ଅବିଶ୍ୱାସ କରିଥିଲା, ଭକ୍ତି ନଥିଲା, ସେ ଭସ୍ମ ହୋଇଗଲା।

ଶୈବ କ୍ଷେତ୍ର ଅଖଣ୍ଡ ଭାରତ ବର୍ଷରେ ବିରାଜିତ ପ୍ରଭୁ "ଶିବ"ଙ୍କର ଲିଳା ବିଚିତ୍ର। ଆଜି ମୁଁ ଯେତେବେଳେ ସବୁବର୍ଷ ପରି ଏହି ପବିତ୍ର "ମହାଶିବରାତ୍ରୀରେ" ଲେଖାଟିଏ ଲେଖୁଛି, ମୋ ଆଖି ଆଗରେ ଝଲସି ଯାଉଛି ସେହି ମହାଶକ୍ତି ଠାକୁରଙ୍କର ମନମୋହକ ନେତ୍ର। ମୁହୂର୍ତ୍ତକ ପାଇଁ ହେଉ ପଛେ ମୁଁ ଯେମିତି ତାଙ୍କର ଅପାର କରୁଣାରେ ଆକର୍ଷିତ ହୋଇ ସ୍ତମ୍ଭିଭୂତ ହୋଇପଡ଼ିଛି। ମନରେ ଆସୁଛି ସତେ ଯେମିତି ସେ ମୋ'ହାତଧରି ଏହି ଲେଖାଟି ଲେଖି ଦେଉଛନ୍ତି। ଉତ୍କର୍ଷ କଳାର କ୍ଷେତ୍ର ଉତ୍କଳରେ ଅନେକ ଜ୍ଞାନୀ, ଗୁଣୀ ଏବଂ ଉଚ୍ଚକୋଟୀର ଗବେଷକ ଅଛନ୍ତି। କିନ୍ତୁ ଲିଙ୍ଗରାଜ ମହେଶ୍ୱରଙ୍କ ଆଶୀର୍ବାଦ ସ୍ୱରୂପ ଆଜି ମୋର ନିଷ୍ପତ୍ତି କ୍ରମେ ମୋତେ ସବୁବର୍ଷ ଏହି ପବିତ୍ର ଦିବସର ସଂକ୍ଷେପରେ ହେଲେ ମଧ୍ୟ ଏହି ଲେଖା ତୁଳାଇବାର ଅପୂର୍ବ ସୁଯୋଗ ମିଳିଥିବାରୁ ଭକ୍ତିବିଭୋର ହୋଇପାରିଛି।

ଭାରତୀୟ ସଂସ୍କୃତି କହିଲେ ଆମେ ବୁଝୁ ବିଶ୍ୱର ନାଥ ପ୍ରଭୁ ଶ୍ରୀ ବିଶ୍ୱନାଥଙ୍କ ଶୈବ ସଂସ୍କୃତି। ଏହା ସମଗ୍ର ବିଶ୍ୱରେ, ଚାରି ଯୁଗରେ ପରିବ୍ୟାପ୍ତ। ଏପରିକି, ଭାରତର ପାରମ୍ପରିକ ଶତ୍ରୁ ଦେଶ ପାକିସ୍ତାନ, ଚାଇନାରେ ମଧ୍ୟ ପାତାଳରୁ ଆର୍ବିର୍ଭାବ ହୋଇଥିବା ଶିବଲିଙ୍ଗ ମନ୍ଦିର ବିରାଜମାନ। ସର୍ବବ୍ୟାପି ମହାଦେବ ହେଉଛନ୍ତି ସୃଷ୍ଟି, ସ୍ଥିତି ଓ ବିଲୟର କାରଣ। ଯୋଗୀ ପୁରୁଷ ସେ। କୋପେ ବର ତ ତପେ ବର। କେତେବେଳେ ରୁଦ୍ର ରୂପରେ ତ କେତେବେଳେ "ହନୁମାନଜୀ ମହାରାଜ"ଙ୍କ ରୂପ ଧାରଣ କରନ୍ତି ଶ୍ରୀ ମହାଦେବ। ତେଣୁ ବିଶ୍ୱର ଶ୍ରେଷ୍ଠକ୍ଷେତ୍ର ଶୈବ୍ୟ ଧାମର ମହାତ୍ମ୍ୟ ଅବର୍ଣ୍ଣନୀୟ। ଏହି ପବିତ୍ର ପୀଠରେ ଶୈବ କ୍ଷେତ୍ର ପାତାଳ ଫୁଟି ଲିଙ୍ଗ ପ୍ରତିଷ୍ଠିତ ଓ ଉପାସିତ। ପତିତ ଜନଙ୍କ ଉଦ୍ଧାର ପାଇଁ ସେ ବିଷପାନ କରି ନୀଳକଣ୍ଠ ହୋଇଗଲେ। ଏହି ବିଶେଷତ୍ୱ ଆଜି ସାରା ବିଶ୍ୱରେ ଅନୁଭୂତ। ଆଚଣ୍ଡାଳ ବ୍ରାହ୍ମଣ କୈଳାସ ପର୍ବତରେ ଏକାକାର। 'ବସୁଧୈବ କୁଟୁମ୍ବକମ୍', 'ଓଁ ନମଃ ଶିବାୟ ମହାମୃତ୍ୟୁଞ୍ଜୟ ମନ୍ତ୍ର' ଉଚ୍ଚାରିତ। ବିଶ୍ୱର କୋଣ ଅନୁକୋଣରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ପବିତ୍ର ଜାଗର ଯାତ୍ରା ଧାର୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ହିନ୍ଦୁ ଧାର୍ମିକ ପୂଜା, ଉପବାସ ପଦ୍ଧତିର ଅନେକ ଧାରା ସହ ଏହି ଉତ୍ସବ ଅନନ୍ୟ ଅଟେ। କାରଣ ଏହି ନୀତି ଲୌକିକ ଆଧାରିତ। ଯାହା ନାସଶୀଳ ଶରୀର ଓ ଅମର ଆତ୍ମାର ଦିବ୍ୟଗାଥା ପରିପୁଷ୍ଟ କରେ। ମୋର କଳକୀ ପୁରାଣରେ ଶ୍ରୀ ଶୈବ ସଂସ୍କୃତି, ମହାପ୍ରଭୁଙ୍କ ରୀତିନୀତି, ବିଶ୍ୱଚେତନା, ସେବାମହାତ୍ମ୍ୟ ଏବଂ ଏହିପରି ଅନେକ ଅଲୌକିକ ଦିଗ ଉପରେ ଆଲୋକପାତ କରାଯାଇଛି।


ସୃଷ୍ଟିର ଆରମ୍ଭରୁ ଭାରତୀୟତା ଶୈବ୍ୟକ୍ଷେତ୍ର ରୂପେ ସର୍ବବାଦୀସମ୍ମତ। ଶୈବକ୍ଷେତ୍ର ମଧ୍ୟରେ ଶ୍ରେଷ୍ଠ ହୋଇଥିବାରୁ ଏହା ଶୈବ୍ୟକ୍ଷେତ୍ର ଭାବରେ ସୁବିଦିତ। 'ଶିବ' ହିଁ ସାଂସାରିକ ପୁରୁଷୋତ୍ତମ। କୈଳାସ ପର୍ବତରେ ଶ୍ରୀ ଶିବଙ୍କର ଅଧିଷ୍ଠାନ ଥିବାରୁ ଏହା ଶୈବକ୍ଷେତ୍ର ରୂପେ ସୁପରିଚିତ। ସୃଷ୍ଟି - ସ୍ଥିତି- ପାଳନର ମୂଳବିନ୍ଦୁ ହେତୁ ଏହା ଦିବ୍ୟ କ୍ଷେତ୍ର ଭାବରେ ସର୍ବଜନବିଦିତ। ତାଙ୍କ ପାଖକୁ ଦର୍ଶନ କରିବା ପାଇଁ କେହି ଯାଇପାରନ୍ତି ନାହିଁ କି ସେ ସେଠାରେ ମଧ୍ୟ ପୂଜା ପାଆନ୍ତି ନାହିଁ।

ଯେ ଚିରନ୍ତନ - ସତ୍ୟ - ଶାଶ୍ୱତ ସନାତନ - ନିର୍ବିକଳ୍ପ- ନିରାକାର - ପରଂବ୍ରହ୍ମ - ପରମାତ୍ମା, ପରମେଶ୍ୱର, ଯେ ଆଦି - ଅନାଦି- ଅନନ୍ତ- ଅନାମୟ- ଅଲେଖ- ଅରୂପ- ଅବିକାର, ଯେ ସର୍ବଦା ଭକ୍ତର ଅଭୀଷ୍ଟ ପୂରଣ କରନ୍ତି, ମନୋବାଞ୍ଛା ପୂର୍ଣ୍ଣ କରନ୍ତି, ଯେ ମୋତେ ବାଲ୍ୟକାଳରୁ ତାଙ୍କର ଯଶଗାନ ଓ ରଚନା କରିବା ପାଇଁ ଆଶୀର୍ବାଦ କରିଛନ୍ତି, ଯେ ଅଳ୍ପକେ ସନ୍ତୁଷ୍ଟ, ସଂସାରର ରକ୍ଷା ନିମିତ୍ତ ଯେ ସ୍ୱୟଂ ବିଷପାନକରି ଦେବତାମାନଙ୍କୁ ଅମୃତ ଦାନ କରିଛନ୍ତି, ବ୍ରହ୍ମା- ବିଷ୍ଣୁ- ଇନ୍ଦ୍ର ଆଦି ତେତିଶି କୋଟି ଦେବଗଣ, ଲକ୍ଷ୍ମୀ- ସରସ୍ୱତୀ- ଗାୟତ୍ରୀ ଆଦି ଦେବୀଗଣ ଯାହାଙ୍କୁ ସର୍ବଦା ପ୍ରତ୍ୟହ ପ୍ରାର୍ଥନା କରନ୍ତି, ଯାହାଙ୍କ ଶ୍ରୀଚରଣରେ ସେମାନେ ଆଶ୍ରିତ। ସକଳ ମୁନି ଋଷିଗଣ ସିଦ୍ଧିପାଇଁ ଯାହାଙ୍କୁ ଧ୍ୟାନ କରନ୍ତି, ଅସୁର ପ୍ରଭୃତି ଅମରବର ପାଇବା ପାଇଁ ଯାହାଙ୍କୁ ତପସ୍ୟା କରନ୍ତି, ଯାହାଙ୍କ ଇଚ୍ଛାରେ ମୁଁ ଏହି କଲ୍କି ପୁରାଣରେ କେବଳ ତାଙ୍କରି ମହାତ୍ମ୍ୟ ରଚନା କରିବାରେ ସମର୍ଥ ହୋଇଛି, ସେହି ପରମେଶ୍ୱର ମଙ୍ଗଳମୟ ଦେବାଧି ଦେବ ମହାଯୋଗୀ ମହାଦେବଙ୍କ ଶ୍ରୀପାଦପଦ୍ମରେ ଏହି "ମହାଯୋଗୀ ଶିବ"ଙ୍କର ସଂକ୍ଷିପ୍ତରେ ବର୍ଣ୍ଣନା କରିଥିବା ଲେଖାଟିକୁ ସମର୍ପଣ କରି ଶତବାର ପ୍ରଣାମ କରୁଛି।

# ମହାଶିବରାତ୍ରୀ : ଜାଗର ରାତି



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼,
ମୋ- ୯୪୩୭୯୮୫୮୬୬



ମହାଶିବରାତ୍ରୀ ହେଉଛି ଏକ ଅବସର ଏବଂ ସମ୍ଭାବନା, ଯେତେବେଳେ ଆପଣ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଥିବା ଅସୀମ ଶୂନ୍ୟତାର ଅନୁଭୂତି ସହିତ ନିଜକୁ ଯୋଡ଼ି ପାରିବେ, ଯାହା କି ସମସ୍ତ ସୃଷ୍ଟିର ଉତ୍ସ ଅଟେ । ଗୋଟିଏ ପଟେ ଶିବଙ୍କୁ ବିନାଶକାରୀ କୁହାଯାଉଥିବା ବେଳେ ଅନ୍ୟପଟେ ସେ ସବୁଠାରୁ ଦୟାଳୁ ମଧ୍ୟ । ସେମାନେ ଅତ୍ୟନ୍ତ ଉଦାର ଦାତା ଅଟନ୍ତି । ଯୋଗିକ ଗାଥାରେ ସେ ଅନେକ ସ୍ଥାନରେ ସବୁଠାରୁ ଦୟାଳୁ ଭାବରେ ଦେଖାଯାଆନ୍ତି । ତାଙ୍କର କରୁଣାର ରୂପ ଏକକ ଏବଂ ଚମତ୍କାର ଥିଲା । ତେଣୁ ମହାଶିବରାତ୍ରୀ ୨୦୧୯ ମଧ୍ୟ କୌଣସି ଜିନିଷ ଗ୍ରହଣ କରିବାର ଏକ ସ୍ୱତନ୍ତ୍ର ରାତି ଅଟେ । ଏହା ଆମର ଇଚ୍ଛା ଏବଂ ଆଶୀର୍ବାଦ ଯେ ଆପଣ ଏହି ରାତିରେ ଅତି କମରେ ଗୋଟିଏ ମୁହୂର୍ତ୍ତ ପାଇଁ ସେହି ଅସୀମ ବିସ୍ତାରଅନୁଭବ କରନ୍ତୁ, ଯାହାକୁ ଆମେ ଶିବ ବୋଲି କହିଥାଉ । ଏହା କେବଳ ନିଦ୍ରାରୁ ଉଠିବାର ରାତି ନୁହେଁ, ଏହା ଆପଣଙ୍କ ପାଇଁ ଜାଗ୍ରତ ହେବାର ରାତି ହେବା ଉଚିତ୍, ଚେତନା ଏବଂ ସଚେତନତାରେ ପରିପୂର୍ଣ୍ଣ ରାତି ! ଆଲୋକ ଆପଣଙ୍କ ମନରେ ଏକ ଛୋଟ ଘଟଣା । ଆଲୋକ ଅନନ୍ତ ନୁହେଁ, ଏହା ସର୍ବଦା ଏକ ସୀମିତ ସମ୍ଭାବନା କାରଣ ଏହା ହ୍ରାସ ପାଇ ଅଦୃଶ୍ୟ ହୋଇଯାଏ । ଆମେ ଜାଣୁ ଯେ ସୂର୍ଯ୍ୟ ହେଉଛି ଏହି ଗ୍ରହରେ ଆଲୋକର ସବୁଠାରୁ ବଡ ଉତ୍ସ । ଏପରିକି ଏହାର ଆଲୋକକୁ ହାତରେ ଅବରୋଧ କରି ଅନ୍ଧାରର ଛାୟା ମଧ୍ୟ ସୃଷ୍ଟି କରିପାରିବେ। କିନ୍ତୁ ଅନ୍ଧକାର ସର୍ବବ୍ୟାପୀ, ଏହା ସବୁସ୍ଥାନରେ ରହିଛି । ଦୁନିଆର ଅପରିପକ୍ୱ ମନ ସବୁବେଳେ ଅନ୍ଧକାରକୁ ଶୈତାନ ଭାବରେ ଚିତ୍ରଣ କରିଆସିଛି । କିନ୍ତୁ ଯେତେବେଳେ ଆପଣ କୁହନ୍ତି ଯେ ଦିବ୍ୟ ଶକ୍ତି ସର୍ବବ୍ୟାପୀ, ଆପଣ ଏହାକୁ ସ୍ପଷ୍ଟ ଭାବରେ ଅନ୍ଧକାର ବୋଲି କହୁଛନ୍ତି, କାରଣ କେବଳ ଅନ୍ଧକାର ସର୍ବବ୍ୟାପୀ ଅଟେ । ଏହା ସବୁଠି ରହିଛି। ଏଥିପାଇଁ କାହାର ସମର୍ଥନ ଦରକାର ନାହିଁ। ଆଲୋକ ସର୍ବଦା ଜଳୁଥିବା ଉତ୍ସରୁ ଆସିଥାଏ । ଏହାର ଏକ ଆରମ୍ଭ ଓ ଅନ୍ତ ରହିଛି। ଏହା ସର୍ବଦା ଏକ ସୀମିତ ଉତ୍ସରୁ ଆସିଥାଏ । ଅନ୍ଧାରର କୌଣସି ଉତ୍ସ ନାହିଁ । ଏହା ନିଜେ ଏକ ଉତ୍ସ । ଏହା ସବୁଠି ରହିଛି। ତେଣୁ ଯେତେବେଳେ ଆମେ ଶିବ କହିଥାଉ, ଆମେ ଅସ୍ତିତ୍ୱର ସେହି ଅସୀମ ଶୂନ୍ୟତା ବିଷୟରେ କହିଥାଉ । ଏହି ଶୂନ୍ୟତା କୋଳରେ ସବୁ ସୃଷ୍ଟି ହୋଇଥାଏ । ଶୂନ୍ୟତାର ଏହି କୋଳକୁ ଶିବ କୁହାଯାଏ । ଭାରତୀୟ ସଂସ୍କୃତିରେ, ସମସ୍ତ ପ୍ରାଚୀନ ପ୍ରାର୍ଥନା କେବଳ ଆପଣଙ୍କୁ କିମ୍ବା ଆପଣଙ୍କ କଲ୍ୟାଣକୁ ବଞ୍ଚାଇବା ପାଇଁ ନୁହେଁ ।। ସମସ୍ତ ପୁରାତନ ପ୍ରାର୍ଥନାରେ କୁହାଯାଇଛି, 'ଭଗବାନ, ମୋତେ ନଷ୍ଟ କର ଯେପରି ମୁଁ ତୁମ ପରି ହୋଇପାରିବି। ତେଣୁ ଯେତେବେଳେ ଆମେ ଶିବରାତ୍ରୀକୁ କହିଥାଉ, ଯାହା ମାସର ସବୁଠାରୁ ଅନ୍ଧାର ଦିନ ଅଟେ, ଏହା ବ୍ୟକ୍ତିର ସୀମାକୁ ଭାଙ୍ଗିଦେବା ଏବଂ ସୃଷ୍ଟିର ଅସୀମ ଉତ୍ସକୁ ଅନୁଭବ କରିବାର ଏକ ସୁଯୋଗ ଅଟେ ଯାହା ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଏକ ବିହନ ଭାବରେ ଉପସ୍ଥିତ ଥାଏ । 'ଶେତେ ତିଷ୍ଠତି ସର୍ବଂ ଜଗତ୍ୟସ୍ମିନ୍ ଯଃ ଶମ୍ଭୁଃ ବିକାରରହିତଃ'... ଅର୍ଥାତ୍ 'ଯାହାଙ୍କ ଉପରେ ସମଗ୍ର ଜଗତ ଶୋଇଥାଏ, ଯେଉଁମାନେ ଦୁଷ୍କର୍ମରୁ ମୁକ୍ତ ହୁଅନ୍ତି, ସେମାନେ ହେଉଛନ୍ତି 'ଶିବ'। ଯେଉଁମାନେ ମନ୍ଦକୁ ନଷ୍ଟ କରନ୍ତି, ସେମାନେ ହେଉଛନ୍ତି ସୁଖୀ । ଶୁଭ ରୂପ ଭଗବାନ ଶିବ। ଯିଏ ସମଗ୍ର ସଂସାରକୁ ନିଜ ଭିତରେ ମିଶାଇ ଦିଅନ୍ତି । ଭଗବାନ ଶିବ ହେଉଛନ୍ତି ଦୟାର ସାଗର । ଯିଏ ଅନନ୍ତ, ସତ୍ୟବାଦୀ, ଜାଗ୍ରତ, ଦୁଷ୍କର୍ମରୁ ମୁକ୍ତ ଓ ସାକ୍ଷୀ - ସେ ହେଉଛନ୍ତି ଶିବ। ଶିବରାତ୍ରୀ କ'ଣ ? ଶିବ ଏବଂ ଶକ୍ତି ସମ୍ପୂର୍ଣ୍ଣ ସମନ୍ୱୟରେ ହେବାର ରାତି । ଶିବରାତ୍ରୀର ଅର୍ଥ ହେଉଛି 'ସେହି ରାତି ଯାହା ଆନନ୍ଦ ଦେଇଥାଏ ଏବଂ ଯାହା ଶିବଙ୍କ ନାମ ସହିତ ଏକ ବିଶେଷ ସମ୍ପର୍କ ରହିଛି'। ଏଭଳି ଏକ ରାତି ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀର । ଯେଉଁଥିରେ ଶିଙ୍କର ପୂଜା, ବ୍ରତ ଓ ପୂଜାର୍ଚ୍ଚନା କରାଯାଏ । ଉକ୍ତ ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ରାତିରେ ଶିବ ପୂଜା କରିବା ଏକ ମହାବ୍ରତ । ତେଣୁ ଏହାର ନାମ ମହାଶିବରାତ୍ରୀ । ଶିବ ପୁରାଣ ଅନୁଯାୟୀ, ବ୍ରହ୍ମା ଏହି ଦିନ ରୁଦ୍ର ରୂପରେ ଶିବଙ୍କୁ ସୃଷ୍ଟି କରିଥିଲେ । ଶିବ-ଶକ୍ତିର ପ୍ରତୀକ ଜ୍ୟୋତିର୍ଲିଙ୍ଗ ମଧ୍ୟ ଏହି ଦିନ ଜନ୍ମ ଗ୍ରହଣ କରିଥିଲେ । ଶିବରାତ୍ରୀରେ ଉପବାସ କରିବାର ଅତ୍ୟାବଶ୍ୟକ ଅର୍ଥ କ'ଣ ? ଶାସ୍ତ୍ରାନୁଯାୟୀ, ଯେଉଁ କାର୍ଯ୍ୟ ଦ୍ୱାରା ଭଗବାନଙ୍କ ନିକଟତର ହୁଅନ୍ତି ତାହା ହେଉଛି ବ୍ରତ । ଉପବାସ କ'ଣ ? ଶିବଙ୍କ ନିକଟରେ ରହୁଥିବା ଜୀବନ୍ତ ଆତ୍ମାକୁ ବ୍ରତ କୁହାଯାଏ । ମହାଶିବରାତ୍ରୀ ଦିନ ଯିଏ ଶ୍ରଦ୍ଧାର ସହ ଏହି ବ୍ରତ ପାଳନ କରେ, ସେ ହେଉଛି ସମଗ୍ର ପାପର ବିଲୋପ । ଆଉ ଲଗାତାର ୧୪ ବର୍ଷ ଧରି ଏହି ବ୍ରତ ପାଳନ କରିବା ଦ୍ୱାରା ଶିବ ଲୋକ ପ୍ରାପ୍ତି ହୋଇଥାଏ ବୋଲି ଲୋକୋକ୍ତି ରହିଛି। ଅନ୍ଧାରକୁ ଅସ୍ୱୀକାର କରି ଏକ ଯୁକ୍ତିଯୁକ୍ତ ମନ ଆଲୋକ ବାଛିବାକୁ ପସନ୍ଦ କରିବ । କିନ୍ତୁ ଶିବଙ୍କ ଶାବ୍ଦିକ ଅର୍ଥ ହେଉଛି 'ଯାହା ନାହିଁ'। 'ତାହା ହେଉଛି' ହେଉଛି ଅସ୍ତିତ୍ୱ ଓ ସୃଷ୍ଟି । 'ଯାହା ନୁହେଁ' ସେ ହେଉଛନ୍ତି ଶିବ। 'କ'ଣ ନୁହେଁ'ର ଅର୍ଥ ହେଉଛି, ଯଦି ଆପଣ ଆଖି ଖୋଲି ଚାରିଆଡ଼େ ଚାହିଁବେ ଏବଂ ଆପଣଙ୍କର ସୂକ୍ଷ୍ମ ଦୃଷ୍ଟି ରହିବ, ତେବେ ଆପଣ ଅନେକ ସୃଷ୍ଟି ଦେଖିବାକୁ ସକ୍ଷମ ହେବେ। ଯଦି ଆପଣଙ୍କ ଦୃଷ୍ଟି କେବଳ ବିରାଟ ବସ୍ତୁ ଉପରେ ଥାଏ, ତେବେ ଆପଣ ଦେଖିବେ ଯେ ସବୁଠାରୁ ବଡ ଶୂନ୍ୟତା ହେଉଛି ଅସ୍ତିତ୍ୱର ସର୍ବୋଚ୍ଚ ଉପସ୍ଥିତି । ଆମକୁ ମିଲ୍କି ୱେ ନାମକ କେତେକ ବିନ୍ଦୁ ଦୃଶ୍ୟମାନ ହୁଏ, କିନ୍ତୁ ସେମାନଙ୍କୁ ଧରି ରଖିଥିବା ବିଶାଳ ଶୂନ୍ୟତା ସମସ୍ତ ଲୋକଙ୍କୁ ଦୃଶ୍ୟମାନ ହୁଏ ନାହିଁ । ଏହି ବିସ୍ତାର, ଏହି ଅସୀମ ଶୂନ୍ୟତାକୁ ଶିବ କୁହାଯାଏ । ବର୍ତ୍ତମାନ ଆଧୁନିକ ବିଜ୍ଞାନ ମଧ୍ୟ ପ୍ରମାଣିତ କରିଛି ଯେ ସବୁକିଛି ଶୂନ୍ୟତାରୁ ଉତ୍ପନ୍ନ ହୋଇ ଶୂନ୍ୟତାରେ ପରିଣତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଶିବ ବିଶାଳ ଶୂନ୍ୟତା ବା ଶୂନ୍ୟତାକୁ ମହାଦେବ କୁହାଯାଏ । ଏହି ପୃଥିବୀର ପ୍ରତ୍ୟେକ ଧର୍ମ ଓ ସଂସ୍କୃତିରେ ସର୍ବଦା ଦେବତ୍ୱର ସର୍ବବ୍ୟାପୀ ପ୍ରକୃତି ବିଷୟରେ ଆଲୋଚନା ହୋଇଆସୁଛି । ଯଦି ଆମେ ଏହାକୁ ଦେଖୁ, ତେବେ ଏକମାତ୍ର ଜିନିଷ ଯାହା ପ୍ରକୃତରେ ସର୍ବବ୍ୟାପୀ ହୋଇପାରେ, ଯାହା ସବୁସ୍ଥାନରେ ଉପସ୍ଥିତ ହୋଇପାରେ, ତାହା ହେଉଛି କେବଳ ଅନ୍ଧକାର, ଶୂନ୍ୟତା । ସାଧାରଣତଃ ଯେତେବେଳେ ଲୋକମାନେ ନିଜର ମଙ୍ଗଳ ଖୋଜିଥାନ୍ତି, ସେତେବେଳେ ଆମେ ସେହି ଦିବ୍ୟକୁ ଆଲୋକ ବୋଲି କହିଥାଉ । ଯେତେବେଳେ ଲୋକମାନେ ନିଜ ସ୍ୱାର୍ଥ ବାହାରେ, ନିଜ ଜୀବନବାହାରକୁ ଯାଇ କର୍ମ କରନ୍ତି । ସେମାନଙ୍କର ପୂଜା ଏବଂ ଚାଷର ଉଦ୍ଦେଶ୍ୟ ବିଲୋପ ହେବା ଉପରେ ଧ୍ୟାନ ଦିଅନ୍ତି । ଆମେ ସର୍ବଦା ସେମାନଙ୍କ ପାଇଁ ଦେବତ୍ୱକୁ ଅନ୍ଧକାର ଭାବରେ ବ୍ୟାଖ୍ୟା କରିଥାଉ । ମହାଶିବରାତ୍ରୀ ବ୍ରତର ଉପାଦାନ ହେଉଛି ପଞ୍ଚାମୃତ (ଗଙ୍ଗା ଜଳ, କ୍ଷୀର, ଦହି, ମହୁ, ଘିଅ), ସୁଗନ୍ଧିତ ଫୁଲ, ଶୁଦ୍ଧ ପୋଷାକ, ବେଲପତ୍ର, ଧୂପ, ଦୀପ, ନୈବେଦ୍ୟ, ଚନ୍ଦନ ଲେପ ଓ ଋତୁଫଳ । ଶିବରାତ୍ରୀରେ ଉପବାସ କରିବା ସମୟରେ ଶିବୋପାସନ ବ୍ୟକ୍ତିର ତ୍ରିମୁଖୀ ଉତ୍ତାପକୁ ଶାନ୍ତ କରିଥାଏ । ଅସୁବିଧା ଓ ଦୁଃଖର ମେଘ ବିଚ୍ଛିନ୍ନ ହୋଇଯାଏ, କର୍ମ ରୋଗ ଓ ଗ୍ରହ ପ୍ରତିବନ୍ଧକରୁ ମୁକ୍ତି ମିଳିଥାଏ । ଏହାଦ୍ୱାରା ଅକାଳ ମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ ଏବଂ ମୁକ୍ତି ପ୍ରାପ୍ତି ହୋଇଥାଏ । ଏହି ପର୍ବରେ ବ୍ୟକ୍ତି ଯେଉଁ ଇଚ୍ଛାରେ ଶିବଙ୍କୁ ପୂଜା କରିଥାଏ ତାହା ପୂରଣ ହୋଇଥାଏ ଏବଂ ଭୋଲେ ଶଙ୍କର ସମାନ ରୂପରେ ପ୍ରସନ୍ନ ହେବା ସହ ଫଳ ମଧ୍ୟ ପ୍ରଦାନ କରିଥାନ୍ତି ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

## କର୍ମର ଲେଖା ଯୋଖା..

ମନୋଜ କୁମାର ବେହେରା



ଜଣେ ମହିଳା ବହୁତ ଧାର୍ମିକ ଥିଲେ । ଆଉ ଗୁରୁ-ସନ୍ୟାସୀମାନଙ୍କ ସହିତ ସଂଲଗ୍ନ ରହୁଥିଲେ । କାହାକୁ ସେ କେବେ ଖରାପ କଥା କିମ୍ବା ଖରାପ ବ୍ୟବହାର କରି ନାହାନ୍ତି । ସମସ୍ତଙ୍କ ସହିତ ପ୍ରେମ ଆଉ ସ୍ନେହରେ ରହିବାକୁ ଲାଗିଥିଲେ । ସେ କେବଳ ଗୋଟିଏ ବିଷୟରେ ଦୁଃଖୀତ ଥିଲେ ତାଙ୍କ ସ୍ୱାମୀ ସବୁଦିନ କିଛି ନା'କିଛି କଥାକୁ ନେଇକରି ଝଗଡା କରୁଥିଲେ ଆଉ ତାଙ୍କୁ ପିଟୁଥିଲେ । ଦିନେ ତାଙ୍କ ସ୍ୱାମୀତାଙ୍କୁ ଏତେ ମାରିଲେ ଯେ ତାଙ୍କ ଦେହର ହାଡ ଭାଙ୍ଗିଗଲା । କାହିଁକିନା ସେ ଲୋକର ଏହା ନିତିଦିନର କାମ ଥିଲା । ଦିନେ ସେହି ମହିଳା ନିଜର ଗୁରଦେବଙ୍କ ପାଖକୁ ଆସି ପଚାରିଲେ, ଗୁରୁବର ! ମୋର ଏମିତି କ'ଣ ଭୂଲ୍ ହେଇଯାଇଛି, ମୁଁ ଏତେ ପୂଜା-ପାଠ ମଧ୍ୟ କରୁଛି, ଗୁରୁଙ୍କର ସେବା କରୁଛି ଆଉ ନିଜର କ୍ଷମତା ଅନୁସାରେ ଦାନ ମଧ୍ୟ କରୁଛି । କିନ୍ତୁ ମୋର ସ୍ୱାମୀ ମୋତେ ସବୁଦିନ କାହିଁକି ବାଡଉଛନ୍ତି। ମୁଁ କ'ଣ କରିବି ? ଗୁରୁଦେବ କହିଲେ, ସେ ତତେ କ'ଣ ଖାଇବାକୁ ରୁଟି ଦେଉଛି । ହଁ ଗୁରୁ ଦେବ ଦେଉଛନ୍ତି । ଏବେ ଗୁରୁ କହିଲେ, ଠିକ୍ ଅଛି.. କିଛି କଥା ନାହିଁ । ସେ ମହିଳା ଜଣଙ୍କ ମନେ ମନେ ଭାବୁଥିଲେ କାଲେ ଗୁରୁଦେବ କିଛି ଦୟା ମୋ ଉପରେ କରିବେ ଯାହା ଦ୍ୱାରା ମୋର କୃପା ହେଇଯିବ ଆଉ ମୋ ସ୍ୱାମୀ ମୋତେ ଯେମିତି ଆଉ ନମାରନ୍ତୁ । କିନ୍ତୁ ସେମିତି କିଛି ହେଲା ନାହିଁ । ଏବେ ତା'ର ସ୍ୱାମୀର ଅଭ୍ୟାସ ହୋଇ ଯାଇଥିଲା କି ସେ କେମିତି ତାଙ୍କ ସହିତ ଝଗଡା କରି ତାଙ୍କୁ କେମିତି ମାରିବ । ଏମିତିରେ କିଛି ବର୍ଷ ବିତିଗଲା । ସେ ମହିଳା ପୁଣି ଥରେ ଗୁରୁଦେବଙ୍କ ପାଖକୁ ଆସି ସେହି କଥା ପୁଣି ଥରେ କହିଲେ । ମୋର ଦୋଷ କ'ଣ ଗୁରୁଦେବ । ସେ ମୋତେ ଏମିତି କାହିଁକି ପିଟୁଛନ୍ତି । ଗୁରୁଦେବ ଏହାଶୁଣି ପୁଣି ଥରେ ପଚାରିଲେ ତୋ ସ୍ୱାମୀ ତତେ ଏବେ ରୁଟି ଖାଇବାକୁ ଦେଉଛି ତ ! ମହିଳା କହିଲେ ହଁ..ଗୁରୁଦେବ । ଏବେଗୁରୁଦେବ କହିଲେ, ଠିକ୍ଅଛି ତୁମେ ଏବେ ଯାଅ । ଏଥର ମହିଳାଜଣଙ୍କ ବହୁତ ନିରାଶ ହୋଇ ଯାଇଥିଲେ । ସେ ଗୁରୁଦେବଙ୍କୁ କହିଲା ଠିକ୍ ଅଛି ମୁଁ ଏବେ ଫେରି ଯାଉଛି । କିନ୍ତୁ ତା'ସ୍ୱାମୀ ସ୍ୱଭାବରେ କିଛି ପରିବର୍ତ୍ତନ ହେଲାନାହିଁ । ସେ ମହିଳା ଏବେ ବହୁତ ଦୁଃଖରେ ଜୀବନକୁ କାଟୁଥିଲେ । କିନ୍ତୁ ବର୍ଷେ ପରେ ପୁଣି ଥରେ ସେ ଗୁରୁଦେବଙ୍କ ପାଖକୁ ଆସି କହିଲେ ଏବେ ସେ ମୋତେ ବହୁତ ମାରୁଛନ୍ତି । ମୋ ହାତର ହାଡଭାଙ୍ଗି ଯାଇଛି । ମୋର ଦୋଷ କ'ଣ? ମୁଁ ଏତେ ପୂଜା-ପାଠ, ଦାନ ଆଉ ଗରୀବଙ୍କର ସେବା କରୁଛି ଭଗବାନଙ୍କର କ'ଣ ମୋ ଉପରେ ଟିକିଏ ଦୟା ଆସୁନାହିଁ । ଗୁରୁଦେବ ଏହା ଶୁଣି କହିଲେ ସେ ତୁମକୁ ଏବେବି ରୁଟି ଖାଇବାକୁ ଦେଉଛି । ସେ ମହିଳା କହିଲେ ହଁ..। ଗୁରୁଦେବ କହିଲେ ଠିକ୍ ଅଛି । ଏଥର ସେ ମହିଳା ବହୁତ ଜୋର୍‌ରେ ତାଙ୍କ ସାମନାରେ କାନ୍ଦିବାକୁ ଲାଗିଲେ । ଆଉ କାନ୍ଦ କାନ୍ଦି କହିଲେ ମୋର ଦୋଷ କେଉଁଠି ଅଛି ଦୟାକରି କୁହନ୍ତୁ ଗୁରଦେବ ! ମୁଁତ କାହା ସହିତ ଖରାପ ବ୍ୟବହାର କରି ନାହିଁ ତା'ହେଲେ ମୋ ସହିତ ଏମିତି କାହିଁକି ହେଉଛି ? ଗୁରୁଦେବ କିଛି ସମୟ ମୌନ ରହି କହିଲେ, ଆରେ ଝିଅ ! ତୋର ସ୍ୱାମୀ ପୂର୍ବଜନ୍ମରେ ତୋର ପୁଅ ଥିଲା । ତୁତା'ର ସାବତ ମାଆଥିଲୁ । ତୁ ତାକୁ ସକାଳେ ବହୁତ ପିଟୁଥିଲୁ । ଆଉତାକୁ ବହୁତ ଦିନ ଯାଏଁ ଭୋକିଲା ରଖୁଥିଲୁ । ଯେହେତୁ ତୁ ପୂଜା-ପାଠ, ଦାନ କରୁଛୁ ଆଉ ତୋ ଭାଗ୍ୟ ଭଲ ଯେ ତୋ ସ୍ୱାମୀ ତତେ ଖାଇବକୁ ରୁଟି ଦେଉଛି । ଏହି କଥା ଶୁଣି କରି ସେ ମହିଳା ଚୁପ୍ ହୋଇଗଲେ । ଗୁରୁ କହିଲେ, ଶୁଣଝିଅ ! ଯେଉଁ କର୍ମ ତୁମେ କରିଥିଲ ଏହାର ହିସାବ ତୁମକୁ କରିବାକୁ ପଡିବ । ସେ ଏହା ଶୁଣି କରି ଗୁରୁଦେବଙ୍କୁ ଆଉ ପ୍ରଶ୍ନକଲେ ନାହିଁ କାରଣ ସେତ ସତ ଜାଣିସାରିଥିଲେ ।




ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,
ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧


## ଶେଷ ସୂର୍ଯ୍ୟ

ମନୋରଞ୍ଜନ ଦାସ (ଟୁକୁ)

ଆପୋଲୋର ଆଇସିୟୁ ... ପାର୍ଥ ଜାବୁଡ଼ି ଧରିଥିଲା ତା'ର ୪୦ ବର୍ଷର ସଙ୍ଗିନୀଙ୍କୁ। ସ୍ନିଗ୍ଧାର ପଲ୍‌ସ ଧିରେ ଧିରେ ବିପଦ ରେଖା ଆଡକୁ ମାଡି ଆସୁଛି। ପାଖରେ ଠିଆ ହୋଇଥାନ୍ତି ମେଡିକାଲ୍‌ର ନାମିଦାମୀ ଡାକ୍ତର ଏବଂ ନର୍ସମାନେ।
ଆଉ କେଇ ମୁହୂର୍ତ୍ତର ବ୍ୟବଧାନ, ଚାରି ଦଶନ୍ଧିର ଏଇ ସମ୍ପର୍କରେ ପୂର୍ଣ୍ଣଛେଦ ପଡ଼ିଯିବ।
ସ୍ନିଗ୍ଧାର ମୁହଁ ଲୁହରେ ବୁଡ଼ିଯାଇଛି, ପାର୍ଥର ମଧ। ପି.ଏସ୍. ଦାଶ ଆଇପିଏସ୍ ... ଓଡ଼ିଶାରେ ବେଙ୍ଗଲ ଟାଇଗର ଭାବେ ଘରେ ଘରେ ପରିଚିତ। ମାଓଇଷ୍ଟ ଦମନ ପାଇଁ ଓଡ଼ିଶା ସରକାର ତାଙ୍କୁ ହେଡ୍ କ୍ୱାର୍ଟରୁ ଡକେଇଥିଲେ। ପି.ଏମ୍.ଓ ରେ ଖୁବ୍ ଜଣାଶୁଣା ପି.ଏସ୍.ଡି. ଭାବରେ ... ପାର୍ଥ ସାରାଦେଶରୁ ଖୁବ୍ ଜଣାଶୁଣା ଡାକ୍ତରଙ୍କ ଆଡଭାଇସ ନେଇଥିଲେ ସ୍ନିଗ୍ଧାଙ୍କୁ ବଞ୍ଚେଇବା ପାଇଁ। ତାଙ୍କର କୁଆଡେ ବିରଳ ହୃଦରୋଗ । ହୃଦୟର ଗୋଟିଏ ପର୍ଦ୍ଦା ଧିରେ ଧିରେ ରକ୍ତ ସାଙ୍ଗରେ ମିଳେଇଯିବ। ସନ୍ଧ୍ୟା ୬ଟା ସ୍ନିଗ୍ଧାଙ୍କ ନିସ୍ତବ୍ଧ ଶରୀର ପାର୍ଥଙ୍କୁ ହସ୍ତାନ୍ତର କରିଦିଆଗଲା। ଦି'ଜଣ ଯାକ ଅନାଥ ଆଶ୍ରମର ପିଲା ଥିଲେ। ଏ ଦୁନିଆରେ ଏ ଦି'ଜଣଙ୍କର ନିଜର ବୋଲି କେହି ନାହାଁନ୍ତି।
ସତ୍ୟନଗର ଶ୍ମଶାନରେ ରାତି ୧୦ଟାରେ ଶବଶତ୍କାର ସମ୍ପୂର୍ଣ୍ଣ ହେଲା। ସ୍ନିଗ୍ଧାଙ୍କ ଶରୀରର କେଇମୁଠା ପାଉଁଶ ଦିଆଗଲା ପାର୍ଥଙ୍କୁ। ଅସ୍ଥି କଳସ ସହ ରାତିର ଶେଷ ଫ୍ଲାଇଟ୍‌ରେ ସେ ଦିଲ୍ଲୀ ଚାଲିଗଲେ, ସେଠାରୁ ଆହ୍ଲାବାଦ ଯାଇ ଅସ୍ଥି ବିସର୍ଜନ କରିବେ।
ମୋବାଇଲ୍‌ରେ ଆବାଜ ହେଲା ... ବୋଧହୁଏ ଗୋଟିଏ ମେସେଜ୍ ଆସିଛି।




ଏକ୍‌ଜାମ୍ପଲାରୀ ଡ୍ୟୁଟି ପାଇଁ ପି.ଏସ୍. ଦାଶଙ୍କୁ ରାଷ୍ଟ୍ରପତିଙ୍କ ପୋଲିସ ମେଡାଲ୍ ମିଳିଛି ।
ପାର୍ଥ, ଅସ୍ଥି କଳଶକୁ ଗୋଟିଏ ଚୁମ୍ବନ ଦେଲେ। କହିଲେ ... ସ୍ନିଗ୍ଧା ଯିବାପରେ ମଧ ମୋ ସାଙ୍ଗରେ ଅଛ ! ବ୍ୟସ୍ତ ହୁଅନି ମ ... ମୁଁ ଖୁବ୍ ଶୀଘ୍ର ତୁମ ପାଖକୁ ଆସୁଛି। ମୁଁ ଅଛି ମ ସ୍ନିଗ୍ଧା... ତୁମ 'ପୋଲିସ ବାବୁ' ତୁମ ସାଙ୍ଗରେ ଅଛି।



ବିଡାନାସୀ, କଟକ

## ବାସନ୍ତୀ

ସୁନନ୍ଦା ମହାନ୍ତି

ବାସନ୍ତୀ ପରିବର୍ତ୍ତେ ସୁକାନ୍ତିକୁ ପାଇ ମଧ ବାସନ୍ତୀକୁ ଭୁଲିପାରୁନଥିଲା ବେଳେ ସୁକାନ୍ତି ପଚାରେ ମାଆ ବାସନ୍ତୀ ତୁମ ଘର କାମ କାହିଁକି ଛାଡିଲା। କଣ ତ କହୁଥିଲା ତା ସ୍ୱାମୀ ତାକୁ ଖୁବ ଗାଳିଦିଏ ଓ କାମ କରିବାକୁ ମନା କରେ । ସହଜେ ଋତୁ ଅନୁଯାଇ ଧାନକଟା, ଧାନରୁଆ, ବିଲବଛାରେ ବହୁତ ପଇସା ମିଳେ ତ ସେହି କାମରେ ନିଜକୁ ନିୟୋଜିତ ରଖି ଢେର ପଇସା ପାଇବାକୁ ସ୍ୱାମୀ କଥା ମାନି ଛାଡିଦେଲା। ହଁ ଯେ ମାଆ। ଏସବୁ ଠିକ କିନ୍ତୁ ସେସବୁ କାମ କଣ ସହଜ ନା ସବୁଦିନ ସେ ପରା ମଉନେଇ, ମନ୍ଦିର ପାଖାପାଖି ପରିବା ବିକୁଛି। ହଁ ହଉ ହଉ ଯୁଆଡୁ ହେଲେ ଦି ପଇସା ପାଇଲେ ଗଲା। ମାଆ ସେକଥା ସତ ଯେ ହେଲେ ଘର କାମ ଦୁଇଘଣ୍ଟା। ଛାଇ ତଳ ସୁଖଦ କାମ। ପୁଣି ତୁମେ ଚଢେଇ ପେଟ ଚିହ୍ନ ବୋଲି ବାସନ୍ତୀଠୁ ଶୁଣିଥିଲି ପୁଣି ନିଜେ ଆସି କାମ କଲାପରେ ଜାଣୁଛି। ତା ଭାଗ୍ୟରେ ନାହିଁ କୁହ। ନାଇଁଲୋ ସେମିତି କହନା ବାସନ୍ତୀ ଭଲରେ ଥାଉ। ହସି ଦିଏ ସୁକାନ୍ତି। କହେ ତୁମ ମନ ଯେମିତି ବଡ଼ ତୁମ କଥା ଶୁଣିଲେ ଲାଗେ ତୁମ ହୃଦୟ ମଧ ବଡ଼। ହଉ ମାଆ ମତେ ଏଥର ଭଲ ଚାଦର ଖଣ୍ଡେ ଦେବ। ଶୀତ ହଉଛି ଖୁବ। ଘୋଡେଇ ହୋଇ ଆସିବି। ନଉନୁ ଏବେ। ନୂଆଟା ରଖିଥିଲି ବାସନ୍ତୀ ପାଇଁ। ଚିହିଁକି ଉଠେ ସୁକାନ୍ତି। କେତେ ସେଇ ସେଇ ନାମ ଘୋଷୁଛ ଯେ !ଆରେ ନାଇଁ ଭଲକୁ ଭଲ କହିବିନି ଆଉ କଣ କହିବି କହ। ହ ଗଲାଯେ ବୁଲି ଚାହୁଁନି, ତୁମେ ତୁଛାଟାରେ ବାସନ୍ତୀ ବାସନ୍ତୀ ହଉଛ।
ପୁଣି ଦିନେ ଦିନେ କହେ ମାଆ କହୁଥିଲ ପରା ବାସନ୍ତୀ କହିଯାଇଛି ଭଳି ଭଳି କିସମ କିସମ ଶାଗ ନେଇ ଆସିବ ତୁମ ପାଇଁ !କାଇଁ କୋଉଠି ଆସୁଛି। ବଡ଼ଲୋକ ହୋଇଗଲାଣି ସେ। ସେ ତାର ବଡ଼ ଲୋକ ହେଲା ଯଦି ଭଲ ତୋର କାହିଁ ମୁଣ୍ଡ ବିନ୍ଧୁଛି। ତୋର କଣ ଦରକାର କହ। ହଁ ଯାହାତ ଦଉଛ କହୁଛ ବାସନ୍ତୀ ପାଇଁ ରଖିଥିଲି, କିଣିଥିଲି ଇତ୍ୟାଦି। ଚୁଡ଼ି ଦେଲ ଯେ କହିଲ ବାସନ୍ତୀ କୁ ଦେଇଥାନ୍ତ। ଚପଲ ଦେଲଯେ କହିଲ ବାସନ୍ତୀ ନେଇଥାନ୍ତା। ମୁଁ ତା ନାମ ଧରୁଛି ବେଶୀ ନା ତୁମେ ତାକୁ ମୁଣ୍ଡରେ ବସେଇଛ ବେଶୀ। କାହିଁ ସେତ ମନେ ପକାଇ ଆସୁନି ଟିକେ। ହଉ ତା କଥା ଛାଡ଼ ପଖାଳ ବାଢ଼, ତୁ ଆଉ ମୁଁ ମୁଠେ ଲେଖାଏଁ ଖାଇବା। କୋବି ଭାଜୁଥାଏ ସୁକାନ୍ତି ଆଉ ଟମାଟ ଧନିଆଁ ପତ୍ର ସଜାଡି କହୁଥାଏ ଶୀତ ଦିନେ ପଖାଳ ଖିଆ ଭାରି ମଜ୍ଜା। କୋଶଳା ଶାଗ, ଭଜା ଓ ପାଗ ଖାଉ ଖାଉ ତୁଣ୍ଡକୁ ବାସନ୍ତୀ ଚାଲିଆସେ ତ ବିଗିଡି ଯାଏ ସୁକାନ୍ତି କହେ ମୋ ନାମଟା କଣ ଏତେ ଖରାପ। ହସିଦିଅନ୍ତି ସ୍ୱପ୍ନା।
ସେଦିନ ସୁକାନ୍ତି କାମକୁ ଆସିନଥାଏ। ଗାଡିଟିଏ ଦୁଆରେ ଅଟକିଲା। ଭୋଟ ଋତୁ ତ ସରିଲାଣି। ଏବେ ତ ଆଉ କେହି କ୍ୟାମ୍ପେନିଙ୍ଗ ପାଇଁ ଆସୁନାହାଁନ୍ତି। ଏମିତିକି ବିଜୟୀ ଓ ବିଜୟିନୀ ପାର୍ଥୀ ମାନଙ୍କର ଆନନ୍ଦ ଉଲ୍ଲାସ ଘୋ ଘାଆ ମଧ ବନ୍ଦ ହେଲାଣି ତଥାପି ଲୋକମାନଙ୍କ ସଙ୍ଗେ ନାରାବାଜି କରି ଯୋଉ ସ୍ତ୍ରୀ ଲୋକ ଜଣକ ଓଲ୍‌ହେଇ ତାଙ୍କ ଆଡକୁ ମାଡି ଆସୁଛନ୍ତି, କୋଉଠି ଦେଖିଲା ପରି ଲାଗୁଛି। ସ୍ତ୍ରୀ ଲୋକ ଜଣକ ପାଖେଇ ଆସି କହିଲେ ଓଳଗି ହେଉଛି ମାଆ। ମତେ ଚିହ୍ନି ପାରୁନ ମାଆ !କେତେ ଖାଇବା ପିନ୍ଧିବା ଦେଇଛ। ଆଜି ୱାର୍ଡ ମେମ୍ବର ହୋଇଗଲି ବୋଲି କଣ ଭୁଲିଯିବି ତୁମକୁ। ଯାହା ତୁମର ବାକି କାମ ପଡ଼ିଥିବ ସବୁ କରିବି। ବାବୁଙ୍କୁ କହିବ ଯଦି ପେନସନ ଅଟକି ଥାଏ କରାଇଦେବି। ସ୍ୱପ୍ନା ଙ୍କ ପାଟିରୁ ବଚନ ବାହାରୁ ନଥିଲା। ଏ କଣ ସେଇ ବାସନ୍ତୀ। ସ୍ୱପ୍ନାଙ୍କୁ ହଲେଇ ଦେଇ ବାସନ୍ତୀ କହୁଥିଲା କଣ ଚିହ୍ନି ପାରୁନ ମାଆ। ମୁଁ ପରା ସେଇ ବାସନ୍ତୀ। ତୁମ ହାତ ପଖାଳ ପାଗ ମୁଗ ଖାଇ ଏ ପିଣ୍ଡ ଗଢ଼ା। ଆଜି ତୁମର ସବୁ ବାକି କାମ କରିଦେବି। କୋଉ ବାକି କାମ କରିଦେବ ବାସନ୍ତୀ ଅଇଁଠା ବାସନ ପଡିଛି। ଲୁଗାପଟା କଚା ହୋଇନି। ଅଟା ଦଳା ହୋଇନି। ସେସବୁ ଆଡକୁ ଥରେ ଦୃଷ୍ଟି ପହଁରେଇ ବାସନ୍ତୀ କହୁଥିଲା ସୁକାନ୍ତି କିଛି ହଇରାଣ କରୁନି ତ ମାଆ। ହସିଦେଇ ଜଗନ୍ନାଥଙ୍କ ଖଜା ବାଣ୍ଟୁଥିଲେ ସ୍ୱପ୍ନା ବାସନ୍ତୀ ଓ ତା ସହସାଥିମାନଙ୍କୁ। ଫେରିପଡୁ ପଡୁ ବାସନ୍ତୀ କହୁଥିଲା ସବୁ ବାକିଆ କାମ କରିଦେବି ମାଆ ଏଥର। ଆଉ କିଛି ଅସୁବିଧା ନାହିଁ। ତା ଆରଦିନ ସୁକାନ୍ତି ଆସି ସେକଥା ଶୁଣି ମୁହଁମୋଡି କହୁଥିଲା ବାକିଆ କାମ ସବୁ ମୋ ପାଇଁ ଛାଡ଼ି ସେ କୋଉ ବାକି କାମ କରିବ କହୁଥିଲା ମାଆ। ନୀରବ ରହିବା ଶ୍ରେୟ ବୋଲି ବୁଝିସାରିଥିଲେ ସ୍ୱପ୍ନା। କାରଣ ବାସନ୍ତୀ ନିଜେ ଏକ ଜବର ଖବର ପାଲଟି ସାରିଛି।




ସାକ୍ଷୀଗୋପାଳ, ପୁରୀ
ମୋ-୯୦୪୦୯୭୭୩୨୭


## ଟ୍ରାକ୍ଟର ଡାଲାରେ ସୁନି

ସନ୍ତୋଷ କୁମାର ମହାନ୍ତି

ଗଞ୍ଜା ଡାକରେ ନିଦଟା ଭାଙ୍ଗିଗଲା । କିନ୍ତୁ ଗୋଡହାତ ଅଣ୍ଟା ଭାରି ଦରଜ ଲାଗୁଛି । ଉଠିବାକୁ ଇଚ୍ଛା ହେଉନି । କୁକୁଡ଼ାଟା କଣ ଶୋଇ ଦେଉଛି । ତାକୁ ଭାଡ଼ିରୁ ନ କାଢ଼ିଲେ ସେ ସେମିତି ଡାକ ଛାଡୁଥିବ । ସୁନି ଶେଯ ଛାଡି ବାହାରକୁ ଆସିଲା । ଚାରିଆଡେ ଘନ କୁହୁଡି । ଗଛଲତା କିଛି ଦେଖା ଯାଉନି । ଆଉ ଟିକେ ଶୋଇବା କଥା ସୁନି ଭାବିଲା । କଣ ବା ଶୋଇବ। ବାସିକାମ ସବୁ ସାରିବାକୁ ହେବ । ବୋଉ ଉଠିନି । ସେ ଶୋଇଥାଉ । ସୁନି ସପ୍ତମରେ ପଢୁଥିଲା । ବାପା କ୍ୟାନ୍ସରରେ ଚାଲିଗଲା । ବାପା ଗଲାଦିନ ଠାରୁ ସବୁ କିଛି ଅଡୁଆ ହୋଇଗଲା । ହସଖୁସିର ଘରଟା ସମସ୍ତଙ୍କ ପାଇଁ ବୋଝ ହୋଇଗଲା। ବାପା ଥିଲାବେଳେ ଅଭାବ ଜଣାପଡୁ ନଥିଲା । ବାପା ରୋଗରେ ପଡି ଚିକିତ୍ସା ହେଉଥିଲା ବେଳେ ବି କାହାର ମନୋବଳ ଭାଙ୍ଗି ନ ଥିଲା ! ସତରେ ବାପା ହେଉଛନ୍ତି ଘରର ମୂଳ ଖୁଣ୍ଟ । ସେ ଗଲାପରେ ତାସର ପତା ପରି ସୁନିର ସ୍ୱପ୍ନ ସବୁ ଭାଙ୍ଗିଗଲା । ପାଠ ପଢାରେ ଡୋରି ବନ୍ଧା ହେଲା । ଘର ପାଇଁ ସୁନି ପଦାକୁ ଗୋଡ କାଢିଲା । ବାପା ଗଲାପରେ ବୋଉ ବିଲବାରି ସବୁ ଦେଖେ । ବାରିରେ ଯାହା ପରିବା ହୁଏ ମା , ଝିଅ ହାଟକୁ ନେଇ ଯାଆନ୍ତି । ସୁନି ଏବେ ବାହାରକୁ ମୂଲ ଲାଗିବାକୁ ଯାଉଛି । ଗୋଟିଏ ବୋଲି ଭାଇ। କେତେ ଦୁଃଖକଷ୍ଟରେ ବାପା ମା ତାକୁ ବଡ କରିଥିଲେ । ବାହା ହେଲା ପରେ ତା ସଂସାର ନେଇ ସିଏ ବାହାରକୁ ଗଲା । ଘର କେମିତି ଚାଲୁଛି, ମା'କେମିତି ଦିନେ ବି ପଚାରିଲା ନାହିଁ । ଭଉଣୀତ ଦୂରର କଥା । ଟ୍ରାକ୍ଟରବାଲା ଆସି ଦାଣ୍ଡରେ ଠିଆ ହେଲାଣି । ମିନି, ରୁପା ଓ ଲିସା ଟ୍ରାକ୍ଟରରେ ବସି ଡାକ ଛାଡୁଛନ୍ତି । ସୁନି ଆସେ ଲୋ। ଖରା ବଢ଼ିଲାଣି । ଜଲଦି ଗଲେ କାମ ସାରି ବେଗି ଫେରିବା । ସୁନି ଗାମୁଛାଟା ଦେହରେ ପକେଇଲା । ଭାତ ଟିଫିନ ଓ ପାଣି ଦୁଇ ବୋତଲ ବ୍ୟାଗରେ ଭରିଲା । ବୋଉ ଖାଇବ କି ଭାତରେ ପାଣି ପୁରେଇ ଦେବୁ କହି ସୁନି ଦାଣ୍ଡ ଦୁଆରକୁ ଆସିଲା। ଟ୍ରାକ୍ଟର ଡାଲାରେ ବସିଲା ବେଳକୁ ସଙ୍ଗାତମାନେ ଟିକେ ହସିଦେଲେ । ସେମାନଙ୍କ ହସରେ ସୁନିକୁ ଭାରି ହାଲୁକା ଲାଗିଲା । ଟ୍ରାକ୍ଟରଟା ବିକଟାଳ ଶବ୍ଦ କରି ଇଟାଭାଟି ଆଡେ ଚାଲିଲା । କାରଣ ଆଜି ଦିନସାରା ଭାଟିରୁ ଇଟା ଲୋଡ ହେଇ ବୁହାହେବ । ସୁନି ମୁଣ୍ଡରେ ଗାମୁଛା ପକେଇ ଟ୍ରାକ୍ଟର ଡାଲାରେ ବସିଥିଲା । ଆଖିରେ ପଡୁଥିଲା ଅନେକ ପତ୍ରଛଡା ଗଛ। ପତ୍ରଭରା ଗଛଗୁଡିକ ସବୁ ନଣ୍ଡା ଦିଶୁଥିଲା । ନୂଆ ଋତୁରେ ଗଛ ଯେମିତି ନୂଆ ରୂପ ନେଉଛି । ସୁନି ନିଜ ଜୀବନକୁ ଗୋଟେ ଗଛ ବୋଲି ଭାବୁଥିଲା । ଜନ୍ମ କଲା ମାକୁ ସେ ଗଛ ପରି ଆଶ୍ରୟ ଦେଇଛି। ବାପା ଗଲାପରେ ବୋଉ ବହୁତ ଭାଙ୍ଗିଯାଇଛି । ସେ ନ ଥିଲେ ବୋଉ ହୁଏତ ମରିମରି ବଞ୍ଚିଥାନ୍ତା । ପ୍ରଭୁ ମଣିଷକୁ ବଂଚିବା ପାଇଁ କେତେ ନୂଆ ରାସ୍ତା ଦେଖାନ୍ତି, ବାପା ଗଲାପରେ ସେ ବୁଝିପାରୁଛି । ପତ୍ରଝଡା ଗଛ ଭଳି ସତରେ ତା ଜୀବନ । କେତେବେଳେ ସବୁ ହସଖୁସି ଆଉ କେବେ ଦୁଃଖର ପାହାଡ । ଟ୍ରାକ୍ଟର ଯାଇ ଭାଟି ପାଖରେ ଲାଗିଲା । ସୁନି ଅଣ୍ଟାରେ ଗାମୁଛା ଭିଡି ତଳକୁ ଓଲହାଉ ଓଲହାଉ ଦୀର୍ଘଶ୍ୱାସଟିଏ ମାରିଲା । ଖାଲଢିପ ରାସ୍ତା ଓ ସାଙ୍ଗମାନଙ୍କ ଗମାତ ଭିତରେ କେତେବେଳେ ସେ ଇଟାଭାଟି ପାଖରେ ପହଞ୍ଚିଗଲା ଜାଣିପାରୁ ନଥିଲା । ନିଜ ପରିବାର ପାଇଁ ସିନା ସେ ବୋଝ ବୋହି ଚାଲିଛି । କାଲିର ସକାଳ ତା ପାଇଁ କଣ ହେବ ସେ ଆଉ ଭାବୁନାହିଁ । ବାପା ଗଲାପରେ ସେ ବର୍ତ୍ତମାନକୁ ନେଇ ବଞ୍ଚିବା ଶିଖିଗଲାଣି । ଅତୀତ ସିନା ଭୁଲି ହେଉନି ଅନ୍ଧାର ଭବିଷ୍ୟତ ସେ ଆଉ କିଛି ଆଶା ନ ବାନ୍ଧି ଆଗେଇ ଚାଲିଛି ।




ନବଜୀବନ ସମାଜ, ଗ୍ରାମ /ଡାକ -ସଫା, ଜିଲ୍ଲା - କଟକ - ୭୫୪୦୨୨ , ଦୁରଭାଷ- ୯୭୭୭୭୬୬୩୪୬


## ଭାବନାର ଖୁସି

ଶିବାଶିଷ ପାଢ଼ୀ

ବିଶେଷ କିଛି କଥା ନଥିଲା କିନ୍ତୁ ବ୍ୟସ୍ତ ହେଉଥିଲି ମୁଁ । ମୋ ସହ ବ୍ୟସ୍ତ ହେଉଥିଲେ ଖାତାପତ୍ରକୁ ଘାଣ୍ଟୁଥିବା ତଥା ନୂଆନୂଆ ଦୋକାନ କଥା ବୁଝୁଥିବା ଭଦ୍ରମହିଳା ଜଣକ ।
ସବୁମାସ ପରି କିରାନା ଦୋକାନକୁ ବାକି ପଇସା ଦେବାକୁ ଯାଇଥିଲି ମୁଁ। ହେଲେ ବାକି ଖାତାରେ ମୋ ନାଁ ପାଉ ନଥିଲେ ସେ । ଆଶ୍ଚର୍ଯ୍ୟ ହେଉଥିଲି ମୁଁ ଓ ସେ ମଧ୍ୟ ଆଶ୍ଚର୍ଯ୍ୟ ହେଉଥିଲେ କାରଣ ଦୀର୍ଘ ପଚାଶ ବର୍ଷର ସମ୍ପର୍କ ଆମର । ମୋ ଜେଜେବାପା ଦିନରୁ । ତା'ପରେ ବାପା ବୁଝୁଥିଲେ ଏସବୁ । ବାପା ଗଲାପରେ ଚାରିବର୍ଷ ହୋଇଗଲା ମୁଁ ବୁଝୁଛି । ଅନ୍ୟ ଦିନମାନଙ୍କରେ ଦୋକାନରେ ରହୁଥିବା ମାଲିକ କୃଷ୍ଣ ଅଗ୍ରୱାଲଙ୍କୁ ମୁଁ ଟଙ୍କା ଦେଇଦିଏ । ସେ ଯେତିକି କହନ୍ତି ସେତିକି । କେବେ ଖାତା କିମ୍ବା ଚିଠା ଦେଖେ ନାହିଁ ମୁଁ କି କେଉଁଠି ନାଁ ଅଛି ନଅଛି ଆଜିଯାଏଁ ଦେଖିବାର ଦରକାର ପଡ଼ିନାହିଁ । ଯାହା ଦେବା କଥା ଦିଏ ମୁଁ ପୁଣି କିଛି ବାକି ରହେ ଆର ମାସ ପାଇଁ ପୁଣି ସମାନ ଆସେ।
ହେଲେ ମୁଁ ଦେଖିଛି ତାଙ୍କ କେଉଁ ଏକ ଖାତା ଖୋଲି ମୁଁ ଦେଇଥିବା ଟଙ୍କାକୁ ଲେଖନ୍ତି କୃଷ୍ଣ ମଉସା । ହେଲେ କେଉଁଠି ?
କରୋନାର କରାଳ ଛାଇରେ କୃଷ୍ଣ ମଉସା ଓ ତାଙ୍କ ପୁତ୍ର ଜୟନ୍ତଙ୍କ ଦେହାନ୍ତ ପରେ ନୂଆନୂଆ ଦୋକାନର ଭାର ସମ୍ଭାଳୁଥିଲେ ତାଙ୍କ ବୋହୁ ମିନାକ୍ଷୀ । ସେ ଖୋଜି ଖୋଜି ନୟାନ୍ତ ହେଲାପରେ ବି ମୋ ନାଁ ପାଉ ନଥିଲେ ଖାତାରୁ ! ଅନେକ ସମୟ ଖୋଜିବା ପରେ ଶେଷକୁ ମୋ ହାତକୁ ବଢ଼ାଇ ଦେଇଥିଲେ ଖାତାକୁ । କହିଥିଲେ - ମୁଁ ତ ପାଉନି ଆପଣ ହେଲେ ଦେଖନ୍ତୁ । ଖାତାକୁ ଦେଖୁଁଦେଖୁଁ ହିଁ ସୁଚିପତ୍ରରେ ନାଁକୁ ପାଇଗଲି ମୁଁ । ହେଲେ ଖାତାରେ ମୋ ନାଁ ନଥିଲା ବରଂ ମୃତ୍ୟୁର ଚାରିବର୍ଷ ପରେ ବି ଏଯାଏଁ ସେ ଖାତାରେ ବାପାଙ୍କ ନାଁ ହିଁ ଥିଲା !
ବାପାଙ୍କ ନାଁ କୁ ଦେଖି ଭାବପ୍ରବଣ ହୋଇଯାଉଥିଲି ମୁଁ । ମୁଁ ତ ନାଁ କୁ ଦେଖୁଁ ନଥିଲି ବରଂ ଦେଖିଥିଲି ବାପାଙ୍କ ଅଙ୍ଗୁଳି ଧରି ଦୋକାନକୁ ଆସୁଥିବା ମୋ ନିଜକୁ। ବାପା ଦୁର୍ବଳ ହେବାପରେ ଦୋକାନୀଙ୍କ ହିସାବ କରିବା ପାଇଁ ଆସି ବାପାଙ୍କ ନାଁ ନେଇ ଛିଡା ହେଉଥିବା ନିଜର ସେ ଦିନର ଚିତ୍ରକୁ ।ଖାତାରେ ବାପାଙ୍କ ସେ ନାଁ ମୋତେ ଯେମିତି ଫେରାଇ ନେଉଥିଲା ବାପାଙ୍କ ନାଁ ରେ ପରିଚିତ ହେଉଥିବା ସେ ମୁକ୍ତ, ଚିନ୍ତାଶୂନ୍ୟ ଆଉ ବିହଙ୍ଗସମ ଉଡି ବୁଲୁଥିବା ସେ ଦିନ ସବୁକୁ ଯେତେବେଳେ ଏକ ନିର୍ଭର ଆଶ୍ରୟ ତଳେ ନିଜକୁ ଗଢୁଥିଲି ମୁଁ ।
କୃଷ୍ଣ ମଉସା କାହିଁକି ବାପାଙ୍କ ନାଁ କୁ ଏଯାଏଁ କାଟି ନଥିଲେ ମୁଁ ଜାଣି ନଥିଲି କିନ୍ତୁ ଖାତାର ସେ ନାଁ ମୋତେ ଦେଉଥିଲା ଗୋଟିଏ ଅଲଗା ସୁଖଦ ଅନୁଭବ ।
ଲାଗୁଥିଲା ଯେମିତି ବାପା କୁଆଡେ ଯାଇନାହାନ୍ତି ଏବେ ବି ଅଛନ୍ତି ଆଉ ବାପାଙ୍କ ସେଇ ନାଁରେ ଏବେ ବି ଚାଲୁଛି ମୁଁ ।
ଆଖି ଭିଜିବି ଭିଜିବି ହେଉଥିଲା ତଥାପି ମୁଁ କହିଥିଲି -
ଏଇଟା ପରା ବାପାଙ୍କ ନାଁ ଅଛି ।
ଓହଃ ସଂଶୋଧନ କରି ଦେଉଛି ।ଏବେ ମୁଁ ନୂଆ ଖାତା କରିଛି ସିଷ୍ଟମ ଟିକେ ବଦଳାଇ ଦେଇଛି ।ରହନ୍ତୁ ଦସ୍ତଖତଟିଏ କରିଦେବେ । କହିଥିଲେ ମିନାକ୍ଷୀ ହେଲେ ଟଙ୍କାକୁ ବଢ଼ାଇ ମୁଁ କହିଥିଲି -
ନାଁ ନାଁ ସଂଶୋଧନ ଦରକାର ନାହିଁ ! ଦସ୍ତଖତ କରିଥିଲି ହେଲେ ମୋର ନୁହେଁ ବାପାଙ୍କ ନାଁ ଲେଖି ମିନାକ୍ଷୀଙ୍କୁ ଆଶ୍ଚର୍ଯ୍ୟର ସାଗରରେ ବୁଡାଇ ମୁଁ ଚାଲିଆସିଥିଲି ମୋ ଗାଡିକୁ କାରଣ ମୁଁ ଚାହୁଁ ନଥିଲି ସେ ଭାବନାକୁ ଏତେ ଶୀଘ୍ର ଛାଡିବା ପାଇଁ । ଏବେ ବି ବାପା ଅଛନ୍ତି ହେଉ ପଛେ ବାସ୍ତବରେ ନୁହେଁ ଖାତାରେ ତ ବଞ୍ଚିଛନ୍ତି !ଭାବନାର ଖୁସିରେ ବିଭୋର ହୋଇ ଗାଡି ଷ୍ଟାର୍ଟ କରିଥିଲି ମୁଁ !






ହେମଗିର, ସୁନ୍ଦରଗଡ , ପିନ୍-୭୭୦୦୧୩
ମୋ-୯୭୭୮୧୭୪୯୭୮


## କେବଳ ନୀରବତା..


ମୂଳହିନ୍ଦୀ-ସନ୍ତୋଷ ସୂପେକର
ଅନୁବାଦ-ମଧୁସ୍ମିତା ପଟ୍ଟନାୟକ


ରାତ୍ରିର ନିସ୍ତବ୍ଧ ପ୍ରହର..ଆସିଥିଲା ଭୂମିକମ୍ପ..ସେହି ଭୂମିକମ୍ପର ତୀବ୍ରତା ଏତେ ଶକ୍ତିଶାଳୀ ଥିଲା ଯେ ଏହି ବୈଭବଶାଳୀ ସହରକୁ ନଷ୍ଟ ହେବା ପାଇଁ ବେଶୀ ସମୟ ଲାଗି ନଥିଲା । କ୍ଷଣିକରେ ଧରାଶାୟୀ ହୋଇଗଲେ ସହରର ଛାତି ଉପରେ ସଦର୍ପେ ନିଜମୁଣ୍ଡ ଟେକି ଠିଆ ହୋଇଥିବା ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ । ମାଟିରେ ଲୋଟି ପଡିଥିବା ଏହି ଅଟ୍ଟାଳିକା ସବୁ ପାଲଟି ଯାଇଥିଲେ କବର ଖାନାରେ । ବଡବଡ ଗଛ-ଲତା, ଦୋକାନ, ବଜାର, ମସଜିଦ୍, ଗାଡି-ଘୋଡା ଏବୁ ଭାଙ୍ଗିରୁଜି ଇତସ୍ତତଃ ହୋଇ ବିଛେଇ ହୋଇ ଯାଇଥାନ୍ତି ଭୂମି ଉପରେ । ଧୂଳିବାଲିରୁ ସୃଷ୍ଟି ହୋଇଥିବା ଧୂଆଁ ବେଲୁନ୍ ସଦୃଶ ସମଗ୍ର ଆକାଶକୁ ଘୋଡାଇ ରଖିଥାଏ ।
ଚତୁର୍ଦ୍ଦିଗରୁ ଭାସି ଆସୁଥାଏ ଯନ୍ତ୍ରଣାରେ ଜର୍ଜରିତମାନଙ୍କର କରୁଣ ଚିତ୍କାର, ବିକଳକ୍ରନ୍ଦନ ସାଙ୍ଗକୁ ଜୀବଜନ୍ତୁମାନଙ୍କର ବିଚିତ୍ର ଶବ୍ଦ..ତୁହାକୁ ତୁହା ସାଇରନ୍ ଶବ୍ଦ ସାଙ୍ଗକୁ ସବୁଆଡେ ଖାଲି ହା ହା କାର୍ ଦୃଶ୍ୟ..
ତା'ପରେ ଖେଳି ଗଲା ନୀରବତା..ଅଖଣ୍ଡ ନୀରବତା..
ପାହାଡ ପାହାଡ ପରି ଗଦା ହୋଇଥାଏ ଧ୍ୱଂସ ସ୍ତୁପ ଏବଂ ତା' ସହିତ ବ୍ୟାପି ଚାଲିଥାଏ ଏକ ଭୟଙ୍କର ନୀରବତା.. କିଛି ସମୟ ପରେ ଆରମ୍ଭ ହୋଇଗଲା ଉଦ୍ଧାର କାର୍ଯ୍ୟର ପ୍ରକ୍ରିୟା । କେଜାଣି କାହିଁକି ଏହି ଉଦ୍ଧାର କାର୍ଯ୍ୟ ଚାଲିଥିବା ସମୟରେ ଖେଳି ଯାଇଥାଏ ଏକ ବିଶେଷ ପ୍ରକାରର ନୀରବତା.. ଲାଗୁଥିଲା ସତେ ଯେମିତି ଏହି ନୀରବତା ନୀରବ ରହିବା ପାଇଁ ଦେଉଥାଏ ନିର୍ଦ୍ଦେଶ.. ସେହି ଭୟାନକ ନୀରବତା ପରେ ବହୁତ ଜରୁରୀ ଥିଲା ଏ ପ୍ରକାରର ନୀରବତା..ଏପରି ନୀରବତା ଯେଉଁଠି ଭୂଇଁ ଉପରେ ଛୁଞ୍ଚ ଟିଏ ପଡିଲେ ସୃଷ୍ଟିକରିବ ଶବ୍ଦ.. କାରଣ ଏପରି ହେଲେ ଧ୍ୱଂସ ସ୍ତୁପ ତଳେ ଦବିରହିଥିବା ଲୋକମାନଙ୍କର ଆର୍ତ୍ତନାଦର କ୍ଷୀଣ ଶବ୍ଦ ଟିକିଏ କାନରେ ବାଜିଲେ ସେମାନଙ୍କୁ ବଞ୍ଚେଇବାର ଚେଷ୍ଟା କରାଯାଇ ପାରିବ ।




ପ୍ଲଟ ନମ୍ବର-୨୭,
ବ୍ରହ୍ମେଶ୍ୱରବାଗ୍,
ଟଙ୍କପାଣି ରୋଡ୍,ଭୁବନେଶ୍ୱର-୧୮
ଫୋନ୍-୭୨୦୫୮୫୦୮୩୧

# ଇଂଲଣ୍ଡର ୨୧୮ ରନର ଜବାବରେ ପ୍ରଥମ ଇନିଂସରେ ୧ ୱିକେଟ ହରାଇ ୧୩୫ ରନ କଲା ଭାରତ



**ଧର୍ମଶାଳା।**

ଧର୍ମଶାଳାରେ ଖେଳା ଯାଉଥିବା ୫ମ ଟେଷ୍ଟର ପ୍ରଥମ ଦିନରେ ଟିମ୍ ଇଣ୍ଡିଆର ଦବ୍‌ଦବା ଦେଖିବାକୁ ମିଳିଛି । ପ୍ରଥମେ ସ୍ପିନ୍ ଯୋଡ଼ି କୁଲଦୀପ ଓ ରବିଚନ୍ଦ୍ରନ ଅଶ୍ୱିନ ଇଂଲଣ୍ଡ ବ୍ୟାଟରଙ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ । ଫଳରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ୨୧୮ ରନ କରି ଅଲଆଉଟ୍ ହୋଇଯାଇଥିଲା ।

ଏହାପରେ ପ୍ରଥମ ଦିନରେ ୩୦ ଓଭର ବ୍ୟାଟିଂ କରିଥିବା ଟିମ୍ ଇଣ୍ଡିଆର ବ୍ୟାଟର ନିଜର ଜଲୱା ଦେଖାଇଛନ୍ତି । ଓପନର ଯଶସ୍ୱୀ ଜୈସାଲ ୫୭ ରନ କରି ଆଉଟ ହୋଇଥିଲେ ହେଁ ଅଧିନାୟକ ରୋହିତ ଶର୍ମା ୫୨ ରନ କରି ଅପରାଜିତ ରହିଛନ୍ତି ।

ଷ୍ଟମ୍ପ ଅପସାରଣ ବେଳକୁ ରୋହିତ ୫୨ ଓ ଶୁବମନ ଗିଲ ୨୬ ରନ କରି କ୍ରିଜ୍‌ରେ ରହିଛନ୍ତି । ଇଂଲଣ୍ଡର ୨୧୮ ରନର ଜବାବରେ ଭାରତ ତା'ର ପ୍ରଥମ ଇନିଂସରେ ଗୋଟିଏ ୱିକେଟ ହରାଇ ୧୩୫ ରନ କରି ନେଇଛି । ଏବେ ଦଳ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ଠାରୁ ୮୩ ରନ ପଛରେ ରହିଛି । ଶୁକ୍ରବାର ରୋହିତ ଓ ଗିଲ ଭାରତୀୟ ଇନିଂସକୁ ଆଗକୁ ନେବେ ।

ଧର୍ମଶାଳାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଇଂଲଣ୍ଡ ଦବ୍‌ଦବା ଷ୍ଟାର୍ଟ କରିଥିଲା । ଏକଦା ଦଳ ବିନା ୱିକେଟରେ ୬୭ ରନ କରି ନେଇଥିଲା । ଏହାପରେ ଭ୍ରମଣକାରୀ ଦଳକୁ କୁଲଦୀପ ଯାଦବ ଓ ଅଶ୍ୱିନ ଘାଣ୍ଟିଥିଲେ ଜ୍ୟାକ୍ କ୍ରାଉଲୀ(୭୯)ଙ୍କୁ ଛାଡ଼ି ଭାରତୀୟ ସ୍ପିନ ଆଟାକ୍‌କୁ କୌଣସି ଇଲିଂଶ ବ୍ୟାଟର ସମ୍ଭାଳି ପାରି ନଥିଲେ । କୁଲଦୀପ ୫, ଅଶ୍ୱିନ ୪ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ୱିକେଟ ନେଇ ଇଂଲଣ୍ଡର ପ୍ରଥମ ଇନିଂସକୁ ୨୧୮ ରନରେ ଶେଷ କରି ଦେଇଥିଲେ ।

ଚା' ପାନ ବିରତି ପରେ ପରେ ଇଂଲଣ୍ଡ ଅଲଆଉଟ ହୋଇଯାଇ ଥିଲା । ଫଳରେ ଭାରତ ମଧ୍ୟାହ୍ନ ୩ଟାରୁ ତା'ର ପ୍ରଥମ ଇନିଂସ ଆରମ୍ଭ କରିଥିଲା । ଭାରତର ଦୁଇ ଓପନର ଯଶସ୍ୱୀ ଓ ରୋହିତ ଶର୍ମା ଆରମ୍ଭରୁ ଦମ୍‌ଦାର ବ୍ୟାଟିଂ କରିଥିଲେ । ଉଭୟ ଇଂଲଣ୍ଡ ବୋଲରଙ୍କୁ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ । ବିଶେଷ କରି ରୋହିତ ଶର୍ମା ଆଟାକିଂ କ୍ରିକେଟ ଖେଳିଥିଲେ । ଯଶସ୍ୱୀ ସେଟ୍ ହେବା ପରେ ଇଂଲଣ୍ଡର ଦୁଇ ସ୍ପିନର ଟମ୍ ହାର୍ଟଲୀ ଓ ଶୋଏବ ବଶିରଙ୍କୁ ବଡ଼ବଡ଼ ଶଟ୍ ମାରିଥିଲେ ।

ଏଥିସହ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିଲେ । ଅର୍ଦ୍ଧଶତକ ହାସଲ କରିବା ପରେ ସେ ଆହୁରି ଗୋଟିଏ ଚୌକା ମାରିଥିଲେ । ଚୌକା ମାରି ସେ ୫୦ ରନ ମଧ୍ୟ ପୂରଣ କରିଥିଲେ । କିନ୍ତୁ ବଡ଼ ଶଟ୍ ଖେଳିବା ଲୋଭରେ ସେ ବଶିରଙ୍କ ବଲ୍‌ରେ ଷ୍ଟମ୍ପିଂ ହୋଇ ଯାଇଥିଲେ । ୫୮ ବଲରେ ୫୭ ରନ କରିଥିବା ଯଶସ୍ୱୀ ୫ଟି ଚୌକା ଓ ୩ଟି ଛକା ମାରିଥିଲେ । ଆଉଟ ହେବା ପୂର୍ବରୁ ସେ ରୋହିତଙ୍କ ସହ ମିଶି ପ୍ରଥମ ୱିକେଟ ପାଇଁ ୧୦୪ ରନର ଭାଗିଦାରୀ କରିଥିଲେ ।

ଯଶସ୍ୱୀଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା ଶୁବମନ ଗିଲ୍ ମଧ୍ୟ କିଛି ବଡ଼ ଶଟ୍ ମାରିଥିଲେ । ରୋହିତ ତାଙ୍କୁ ସାଥ୍ ଦେବା ସହ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ଉଭୟ ଇଂଲଣ୍ଡ ବୋଲରଙ୍କୁ କାଉଣ୍ଟର କରିବା ସହ ଷ୍ଟମ୍ପ ଅପସାରଣ ଯାଏ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନାହାନ୍ତି । ରୋହିତ ୬ଟି ଚୌକା ଓ ୨ଟି ଛକା ବଳରେ ୫୨ ଓ ଗିଲ୍ ୨ଟି ଛକା ଓ ସମାନ ସଂଖ୍ୟକ ଚୌକା ବଳରେ ୨୬ ରନ କରି ଅପରାଜିତ ରହିଛନ୍ତି । ଉଭୟ ଦ୍ୱିତୀୟ ୱିକେଟ ପାଇଁ ଅବିଭାଜିତ ୩୧ ରନ ମଧ୍ୟ ଯୋଡ଼ି ନେଇଛନ୍ତି । ଏହା ମଧ୍ୟରୁ ଗିଲ୍ ୨୬ ଓ ରୋହିତ କେବଳ ୫ ରନ କରିଛନ୍ତି । ଶୁକ୍ରବାର ଏହି ସ୍କୋରରୁ ଉଭୟ ଦଳକୁ ଆଗକୁ ନେବେ ।

## ଧର୍ମଶାଳା ଟେଷ୍ଟ ମ୍ୟାଚ୍‌ରେ ୧୦୦ବର୍ଷର ରେକର୍ଡ ଭାଙ୍ଗିଲେ କୁଲଦୀପ

**ଧର୍ମଶାଳା।**

କୁଲଦୀପ ଯାଦବ ଟିମ ଇଣ୍ଡିଆ ପାଇଁ କରିଛନ୍ତି ଚମତ୍କାର ବୋଲିଂ । ଏହାସହ ହାସଲ କରିଛନ୍ତି ଏକ ସ୍ୱତନ୍ତ୍ର ସ୍ଥାନ । କୁଲଦୀପ ତାଙ୍କ ଟେଷ୍ଟ କ୍ୟାରିୟରରେ ୫୦ ୱିକେଟ ପୂରଣ କରିଛନ୍ତି । ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜର ପଞ୍ଚମ ତଥା ଶେଷ ମ୍ୟାଚ୍ ଧର୍ମଶାଳାରେ ଖେଳାଯାଉଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଇଂଲଣ୍ଡ । ଏହି ଅବଧି ମଧ୍ୟରେ କୁଲଦୀପ ୧୦୦ବର୍ଷର ରେକର୍ଡ ଭାଙ୍ଗିଛନ୍ତି ।

ବାସ୍ତବରେ ସବୁଠାରୁ କମ୍‌ରେ ୫୦ ୱିକେଟ ନେବାରେ ଭାଙ୍ଗିଛନ୍ତି ୧୦୦ ବର୍ଷର ରେକର୍ଡ । କୁଲଦୀପ ଏପରି କରି ଭାରତୀୟ ବୋଲର ତାଲିକାର ଶୀର୍ଷରେ ପହଞ୍ଚିଛନ୍ତି । କୁଲଦୀପ ୧୮୭୧ ବଲ ଫିଙ୍ଗି ୫୦ ୱିକେଟ ପୁରା କରିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ କ୍ୟାରିଅର ଭଲ ରହିଛି । ଯଦି ଟିମ୍ ଇଣ୍ଡିଆ ପାଇଁ ଟେଷ୍ଟ କ୍ରିକେଟରେ ସର୍ବାଧିକ ୱିକେଟ୍ ନେଇଥିବା ବୋଲରଙ୍କ ତାଲିକା ଦେଖିବା, ତେବେ କୁଲଦୀପ ୪୩ତମ ସ୍ଥାନରେ ରହିଛନ୍ତି ।

ଏହି ମାମଲାରେ ଅନିଲ କୁମ୍ବଲେ ଶୀର୍ଷରେ ଅଛନ୍ତି । ୧୩୨ ଟେଷ୍ଟ ମ୍ୟାଚ୍‌ରେ କୁମ୍ବଲେ ୬୧୯ ୱିକେଟ ନେଇଥିଲେ । ଯେଉଁଠାରେ ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଏହାପଛକୁ ଅର୍ଥାତ୍ ୩ୟ ସ୍ଥାନରେ ଅଛନ୍ତି କପିଲ ଦେବ । ସେ ୧୩୧ ଟି ମ୍ୟାଚରେ ୪୩୪ଟି ୱିକେଟ ନେଇଛନ୍ତି ।



## ଅଶ୍ୱିନଙ୍କ ୧୦୦ତମ ଟେଷ୍ଟରେ କେକ୍ କାଟି ସେଲିବ୍ରେଟ୍ କଲେ ସୁନୀଲ ଗାଭାସ୍କର



**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟ ଧର୍ମଶାଳାରେ ଖେଳାଯାଉଛି । ରବିଚନ୍ଦ୍ରନ ଅଶ୍ୱିନ ଏଠାରେ କ୍ୟାରିୟରର ୧୦୦ତମ ଟେଷ୍ଟ ମ୍ୟାଚ୍ ଖେଳୁଛନ୍ତି । ସେହିଭଳି ଦେବଦତ୍ତ ପଡ୍ଡିକଲ ଡେବ୍ୟୁ କରିଥିବାରୁ ତାଙ୍କ ପାଇଁ ଏହି ମ୍ୟାଚ୍ ସ୍ୱତନ୍ତ୍ର ପାଲଟିଛି । ଏସବୁ ସତ୍ତ୍ୱେ ଷ୍ଟାଡିୟମର କମେଣ୍ଟ୍ରି ବକ୍ସରେ ବସିଥିବା ସୁନିଲ ଗାଭାସ୍କର ହଠାତ୍ କେକ୍ କାଟିଥିବା ଦେଖାଯାଇଥିଲା । କହିବାକୁ ଗଲେ ବି, ଗାଭାସ୍କର ଏହି କେକ୍‌କୁ ଅଶ୍ୱିନ କିମ୍ବା ପଡ୍ଡିକଲଙ୍କ ଡେବ୍ୟୁ ଲାଗି କାଟିନାହାନ୍ତି । ଏହା ତାଙ୍କ ଟେଷ୍ଟ କ୍ରିକେଟରେ ୧୦୦୦୦ ରନ୍ କରିଥିବା ପ୍ରଥମ କ୍ରିକେଟର ହେବା ଖୁସିରେ ଥିଲା । ୧୯୮୭ ମସିହାରେ ଟେଷ୍ଟ କ୍ରିକେଟରେ ନିଜର ୧୦୦୦୦ ରନ୍ ପୂରଣ କରିଥିଲେ ସେ । ସେ ଏଭଳି କରିଥିବା ବିଶ୍ୱର ପ୍ରଥମ କ୍ରିକେଟର ପାଲଟିଛନ୍ତି । ଅଶ୍ୱିନଙ୍କ ୧୦୦ ଟେଷ୍ଟ ଦିନ ଏହି ସଫଳତାକୁ ୩୭ ବର୍ଷ ପୁରିଛି । ସୁନୀଲ ଗାଭାସ୍କରଙ୍କ ଟେଷ୍ଟ କ୍ୟାରିୟର ବିଷୟରେ କହିବାକୁ ଗଲେ ସେ ୧୨୫ ମ୍ୟାଚ୍‌ର ୨୩୪ ଇନିଂସରେ ୧୦,୧୨୨ ରନ ସ୍କୋର କରିଛନ୍ତି, ଯେଉଁଥିରେ ୩୪ ଶତକ ରହିଛି । ଗାଭାସ୍କର ୧୯୭୧ ମସିହାରେ ପୋର୍ଟ ଅଫ୍ ସ୍ପେନରେ ତାଙ୍କର ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ । ସେହିଭଳି ସେ ୧୯୮୭ ରେ ପାକିସ୍ତାନ ବିପକ୍ଷରେ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ଗାଭାସ୍କର ଟେଷ୍ଟ ସିରିଜ୍‌ରେ ଓପନର୍ ଭାବରେ ସର୍ବାଧିକ ରନ ସଂଗ୍ରହ କରିଛନ୍ତି ।

## ବିରାଟ କୋହଲିଙ୍କୁ ପଛରେ ପକାଇଲେ ଯଶସ୍ୱୀ ଜୈସାଲ

**ନୂଆଦିଲ୍ଲୀ**



ଟିମ୍ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୈସାଲ ପୁଣି ଏକ ସଫଳତା ହାସଲ କରିଛନ୍ତି । ସେ ଭାରତର ରନ ମେସିନ୍ ବିରାଟ କୋହଲି ଓ ଅନ୍ୟ ଷ୍ଟାର ବ୍ୟାଟରମାନଙ୍କୁ ପଛରେ ପକାଇ ଦେଇଛନ୍ତି । ବର୍ତ୍ତମାନ ସେ ଇଂଲଣ୍ଡ ବିପକ୍ଷ କୌଣସି ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ ହାସଲକାରୀ କ୍ରିକେଟର ହୋଇ ଯାଇଛନ୍ତି । ଧର୍ମଶାଳାରେ ଖେଳା ଯାଉଥିବା ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟର ପ୍ରଥମ ଇନିଂସରେ ଯଶସ୍ୱୀଙ୍କୁ ଏପରି ସଫଳତା ମିଳିଛି । ପ୍ରଥମ ଦିନର ଶେଷ ସେସନ୍‌ରେ ଯଶସ୍ୱୀ ଦମ୍‌ଦାର ଢଙ୍ଗରେ ବିରାଟ କୋହଲିଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି ।

ବିରାଟ ୨୦୧୬ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ୬୫୫ ରନ କରିଥିଲେ । କିନ୍ତୁ ଯଶସ୍ୱୀ ଗୁରୁବାର ୫୭ ରନ କରି ଆଉଟ ହେବା ପୂର୍ବରୁ ବିରାଟଙ୍କ ଏହି ରେକର୍ଡକୁ ଭାଙ୍ଗି ଦେଇଥିଲେ । ଏଥିସହ ସେ ଗୋଟିଏ ସିରିଜ୍‌ରେ ୭୦୦ରୁ ଅଧିକ ରନ କରିବାର ମାଇଲ ଖୁଣ୍ଟକୁ ମଧ୍ୟ ଅତିକ୍ରମ କରିଯାଇଛନ୍ତି ।

ଇଂଲଣ୍ଡ ବିପକ୍ଷ ପ୍ରଥମ ୪ଟି ଟେଷ୍ଟରେ ଯଶସ୍ୱୀ ୯୩.୫୭ ହାରରେ ୬୫୫ ରନ କରିଥିଲେ । ଏଥିରେ ୨ଟି ଅର୍ଦ୍ଧଶତକ ଓ ୨ଟି ଡବଲ ଟନ୍ ରହିଥିଲା । ଏବେ ୫ମ ଟେଷ୍ଟର ପ୍ରଥମ ଇନିଂସରେ ସେ ୫୭ ରନ କରିଛନ୍ତି । ଏହାର ଅର୍ଥ ଏବେ ଯଶସ୍ୱୀଙ୍କ ସିରିଜ୍ ରନ ୭୧୨ରେ ପହଞ୍ଚି ଯାଇଛି ।

ଗାଭାସ୍କର ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ୭୭୪ ରନ କରିଥିଲେ । ତେଣୁ ଏହାକୁ ଅତିକ୍ରମ କରିବା ପାଇଁ ଯଶସ୍ୱୀଙ୍କ ପାଖରେ ଦ୍ୱିତୀୟ ଇନିଂସରେ ସୁଯୋଗ ରହିବ ।

ଇଂଲଣ୍ଡ ବିପକ୍ଷ ଗୋଟିଏ ସିରିଜରେ ସର୍ବାଧିକ ରନ ହାସଲ କରିବା ତାଲିକାରେ ଯଶସ୍ୱୀ ୧ନଂରେ ଥିବା ବେଳେ ବିରାଟ ଦ୍ୱିତୀୟରେ ରହିଛନ୍ତି । ସେହିପରି ୬୦୨ ରନ ସହ ରାହୁଲ ଦ୍ରାବିଡ ତୃତୀୟ ସ୍ଥାନରେ ରହିଛନ୍ତି । ୨୦୦୨ ଭାରତର ଇଂଲଣ୍ଡ ଟୁର ସମୟରେ ଦ୍ରାବିଡ ଏପରି ରନ କରିଥିଲେ । ୨୦୧୮ ଇଂଲଣ୍ଡ ଗସ୍ତ ବେଳେ ବିରାଟ ୫୯୩ ରନ କରି ତାଲିକାର ଦ୍ୱିତୀୟରେ ରହିଛନ୍ତି ।

ଅନ୍ୟପକ୍ଷରେ ଯଶସ୍ୱୀ ଦ୍ୱିତୀୟ ଦ୍ରୁତତମ ଭାରତୀୟ ଭାବେ ଟେଷ୍ଟ କ୍ରିକେଟରେ ୧ ହଜାର ରନ ପୂରଣ କରିଛନ୍ତି । ୨୨ ବର୍ଷୀୟ ଯଶସ୍ୱୀ କେବଳ ୧୬ଟି ଇନିଂସରେ ୧ ହଜାର ରନ ମାଇଲ ଖୁଣ୍ଟ ଅତିକ୍ରମ କରିଛନ୍ତି । ତାଲିକାର ୧ନଂ ସ୍ଥାନରେ ବିନୋଦ କାମ୍ବଲୀ ରହିଛନ୍ତି । ସେ ୧୪ଟି ଇନିଂସରେ ୧ ହଜାର ରନ ହାସଲ କରିଥିଲେ ।

## ନୂଆ ଭୂମିକା ରହସ୍ୟ ଉପରୁ ପରଦା ଉଠାଇଲେ ଧୋନି



**ନୂଆଦିଲ୍ଲୀ**

ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଆଇପିଏଲ୍‌ରେ ନୂଆ ଭୂମିକାରେ ଆସୁଥିବା ରହସ୍ୟ ଉପରୁ ପରଦା ହଟାଇଛନ୍ତି । ବାସ୍ତବରେ ଧୋନି ଜିଓ ସିନେମାର ଏକ ଆଇପିଏଲ୍ ବିଜ୍ଞାପନରେ ଯୁଗଳ ଭୂମିକାରେ ଆସୁଥିବା ଦେଖାଯାଇଛି, ଯେଉଁଥିରେ ଧୋନି ଉଭୟ ଯୁବାବସ୍ଥାରେ ଓ ବୟସ୍କ ଭାବେ ମୋବାଇଲ୍‌ରେ ମ୍ୟାଚ୍ ଦେଖୁଛନ୍ତି । ଏହି ବିଜ୍ଞାପନର ଭିଡିଓକୁ ଧୋନି ସାମାଜିକ ଗଣମାଧ୍ୟମରେ ସେୟାର କରିବା ସହ ନୂଆ ଋତୁ, ନୂଆ ଭୂମିକା ! ସମସ୍ତ ପ୍ରକାରର ଆକ୍ସନ୍ ଆପଣମାନଙ୍କ ପାଇଁ ସଂପୂର୍ଣ୍ଣ ମାଗଣାରେ ବୋଲି ଶୀର୍ଷକ ଲେଖିଥିଲେ । ସୂଚନାଯୋଗ୍ୟ, ଧୋନି ତାଙ୍କ ସାମାଜିକ ଗଣମାଧ୍ୟମ ପେଜ୍‌ରେ ନୂଆ ଋତୁର ନୂଆ ଭୂମିକା ଆସୁଥିବା ଉପରେ ସଙ୍କେତ ଦେଇଥିଲେ । ଏହାପରେ ପ୍ରଶଂସକମାନେ ସିଏସ୍‌କେରେ ତାଙ୍କର ନୂଆ ଭୂମିକା ଉପରେ ଅନେକ କିଛି ଅନୁମାନ କରିଦେଇଥିଲେ ।

## ମହିଳା ପ୍ରିମିୟର ଲିଗ୍ : ଆର୍‌ସିବିକୁ ହରାଇ ଗୁଜରାଟ୍‌ର ପ୍ରଥମ ବିଜୟ

**ନୂଆଦିଲ୍ଲୀ**



ମହିଳା ପ୍ରିମିୟର ଲିଗ୍‌ରେ ଗୁଜରାଟ ଜାଏଣ୍ଟ୍ସ ପ୍ରଥମ ବିଜୟ ହାସଲ କରିଛି । ପ୍ରଥମ ୪ଟି ମ୍ୟାଚ୍‌ରେ ପରାଜିତ ହୋଇଥିବା ଗୁଜରାଟ ଜାଏଣ୍ଟ୍ସ ୧୩ତମ ଲିଗ୍ ମୁକାବିଲାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୧୯ ରନ୍‌ରେ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜାଏଣ୍ଟ୍ସ ନିର୍ଦ୍ଧାରିତ ଓଭରରେ ୫ୱିକେଟ୍ ହରାଇ ୧୯୯ ରନ୍ ସଂଗ୍ରହ କରିଥିଲା । ଜବାବରେ ରୟାଲ୍ ଚ୍ୟାଲେଞ୍ଜର୍ସ ୮ ୱିକେଟ୍ ହରାଇ ୧୮୦ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଗୁଜରାଟ ଜାଏଣ୍ଟ୍ସ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦୁଇ ଓପନର ଲୌରା ଉଲଭାର୍ଟ ଓ ବେଥ୍ ମୁନି ପ୍ରାରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲେ । ରୟାଲ ଚ୍ୟାଲେଞ୍ଜର୍ସ ବୋଲରମାନେ ଏହି ଯୋଡି ଭାଙ୍ଗି ପାରି ନଥିଲେ । ଉଭୟ ବ୍ୟାଟର ଦର୍ଶନୀୟ ସଟ୍‌ମାନ ଖେଳି ଅର୍ଦ୍ଧଶତକ ଅର୍ଜନ କରିବା ସହ ପ୍ରଥମ ୱିକେଟ୍‌ରେ ୧୪୦ ରନ୍ ସଂଗ୍ରହ କରିଥିଲେ । ୧୩ତମ ଓଭରରେ ପ୍ରଥମ ୱିକେଟ୍‌ର ପତନ ଘଟିଥିଲା । ଉଲଭାର୍ଟ ୪୫ଟି ବଲ୍‌ରୁ ୧୩ ଚୌକା ବଳରେ ବ୍ୟକ୍ତିଗତ ୭୬ ରନ କରି ଆଉଟ୍ ହୋଇଥିଲେ । ଏହାପରେ ଦଳ ଆଉ ୪ଟି ୱିକେଟ୍ ହରାଇଥିଲା । ମାତ୍ର ମୁନିଙ୍କୁ ଅପରାଜିତ ରହି ଦଳୀୟ ସ୍କୋରକୁ ୧୯୯ରେ ପହଞ୍ଚାଇଥିଲେ । ୫୧ଟି ବଲ୍‌ରୁ ୧୨ଚୌକା ଓ ୧ ଛକା ବଳରେ ମୁନି ୮୫ ରନ୍ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଫିଭି ଲିଚଫିଲ୍ଡ ୧୮ ରନ୍ କରିଥିଲେ । ରୟାଲ୍ ଚ୍ୟାଲେଞ୍ଜର୍ସ ପକ୍ଷରୁ ସୋଫି ମୋଲିନ୍ୟୁ ଓ ଜର୍ଜିୟା ୱାରେହମ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ଜବାବରେ ରୟାଲ୍ ଚ୍ୟାଲେଞ୍ଜର୍ସ ୪୨ ରନ୍‌ରେ ୨ ଓପନରଙ୍କୁ ହରାଇଥିଲା । ସ୍ମୃତି ମନ୍ଧନା ୧୬ ବଲ୍‌ରୁ ୨୪ ଓ ଏସ୍ ମେଘନା ୪ ରନ୍ କରି ଆଉଟ୍ ହୋଇଥିଲେ । ମଧ୍ୟକ୍ରମ ବ୍ୟାଟର ମାନେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ବିଫଳ ହୋଇ ଥିଲା । ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଥିଲା । ଫଳରେ ରୟାଲ୍ ଚ୍ୟାଲେଞ୍ଜର୍ସର ପରାଜୟ ହୋଇଥିଲା ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା CAD-4517
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.
ପତ୍ର ସଂଖ୍ୟା : ୫୬ ବିଜ୍ଞାପନ ତା.୦୧.୦୩.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ- ଏଲ୍.ଆଇ.ଜି-୧-୯୮, ଛେଣ୍ଡ, ଫେଜ୍-୨, ରାଉରକେଲା, କମ୍ପୋଜାଇଟି ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ବାସନ୍ତୀ ଦାସ, ସ୍ୱାମୀ-୰ଦୁଲାଇ କାନ୍ତି ଦାସ, ଗ୍ରା-ବାଲିସାହି, ପୋ-ଓଲାଭର, ଥାନା-ରାଜକନିକା, କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ବାସନ୍ତୀ ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଜୟନ୍ତୀ ସାମଲ, ସ୍ୱାମୀ-ଶ୍ରୀ ବିଜୟ କୁମାର ସାମଲ, ଗ୍ରା/ପୋ-ଧୁନପୁର, ଥାନା-ତିର୍ତ୍ତୋଲ, ଜିଲ୍ଲା-ଜଗତସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ୍‌ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା- ପ୍ରଶାସନିକ ଅଧିକାରୀ
OIPR-13030/11/0721/2324 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ନୂଆ ରୂପରେ ବିଜୁ ପଟ୍ଟନାୟକ ପାର୍କ : ୧୦ ନୂତନ ଆବର୍ଜନା ସଂଗ୍ରହ ଗାଡ଼ି ଲୋକାର୍ପଣ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଅବସରରେ ବାରିପଦା ପୌରପାଳିକା ପକ୍ଷରୁ ସ୍ୱଚ୍ଛ ଏବଂ ସୁନ୍ଦର ବାରିପଦା ସହର ଗଢ଼ି ତୋଳିବା ଲକ୍ଷ୍ୟ ନେଇ ନୂତନ ରୂପ ପାଇଥିବା ବିଜୁ ପଟ୍ଟନାୟକ ପାର୍କ ଉଦ୍‌ଘାଟିତ ହୋଇଯାଇଛି । ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଜରିଆରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିନିଯୋଗରେ ରୂପାନ୍ତରିତ ହୋଇଛି ବିଜୁ ପଟ୍ଟନାୟକ ପାର୍କ । ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଅନୁଷ୍ଠାନିକ ଭାବେ ପାର୍କକୁ ଉଦ୍‌ଘାଟନ କରି ବାରିପଦାକୁ ଏକ ସ୍ୱଚ୍ଛ ସୁନ୍ଦର ଏବଂ ସମୃଦ୍ଧ ସହର ଭାବେ ଗଢି ତୋଳିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି । ଉକ୍ତ ପାର୍କରେ ଖୁବ୍‌ଶୀଘ୍ର ଲୋକଙ୍କ ମନୋରଞ୍ଜନ ପାଇଁ ଲେଜର ଶୋ' ବ୍ୟବସ୍ଥା ପ୍ରସ୍ତୁତ ହେବ ବୋଲି ନଗରପାଳ କହିଥିଲେ । ଏଥି ସହିତ ପୌରପାଳିକା ପକ୍ଷରୁ ନୂତନ ଭାବେ ୧୦ଗୋଟି ଆବର୍ଜନା ସଂଗ୍ରହ ଗାଡ଼ି (ଏଲ୍‌ସିଭି) ଲୋକାର୍ପଣ ହୋଇଛି । ଏହାକୁ ମଧ୍ୟ ଅତିଥିମାନେ ସବୁଜ ପତାକା ଦେଖାଇ ଲୋକାର୍ପିତ କରିଥିଲେ । ସହରକୁ ସଫା ସୁତୁରା ରଖିବା ପାଇଁ ପ୍ରତିଟି ଘର ଦୁଆରୁ ଅଳିଆ ଆବର୍ଜନା ସଂଗ୍ରହ ପାଇଁ ପୂର୍ବରୁ ୨୦ଗୋଟି ଏଲସିଭି ଗାଡ଼ି, ୭ଗୋଟି ବିଓଭି ଓ ୪୦ଗୋଟି ଟ୍ରଲି କାର୍ଯ୍ୟରତ ଥିବା ବେଳେ ଏବେ ନୂତନ ଭାବେ ଆଉ ୧୦ଗୋଟି ଆବର୍ଜନା ସଂଗ୍ରହ ଗାଡି ଲୋକାର୍ପିତ ହୋଇଛି । ସଫେଇ ଗାର୍ଡ଼ିକୁ ନିୟୋଜିତ କରି ବାରିପଦା ସହରକୁ ଅଳିଆ ଆବର୍ଜନା ମୁକ୍ତ କରି ସ୍ୱଚ୍ଛ ବାରିପଦା ଗଠନ କରିବା ପାଇଁ କାର୍ଯ୍ୟଧାରା ଜାରି ରହିଛି ବୋଲି ନଗରପାଳ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡର କାଉନସିଲର ଏବଂ ପୌର ଅଧିକାରୀ ଯନ୍ତ୍ରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।



ଓଡ଼ିଶା ସରକାର XXVII-43
ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
File No. 34 Dated. 13.02.2024

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାର ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ **ମୌଜା- କବାସିଗୁଡ଼ା, ଥାନା-ମାଥିଲି ନଂ-୪୭, ତହସିଲ- ମାଥିଲି, ଜିଲ୍ଲା- ମାଲକାନଗିରି**ରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୩୨୨ ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନିନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ କୋରାପୁଟ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ମାଲକାନଗିରି ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ୍ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା | | | | | | | | |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ୨.୮୪୯ ସରକାରୀ ସଂରକ୍ଷିତ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମାଲକାନଗିରି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

ଭୂମି ଅନୁସୂଚୀ
ମୌଜା:କବାସିଗୁଡା, ଥାନା-ମାଥିଲି ନଂ-୪୭, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରି
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୧୮/୧୦ | ୪୫/୨୫୭ | ୦.୮୧୫ | ୦.୨ | ଧାନ ଏକ | ନିଳକଣ୍ଠ କୁଆସି ପି:ଘେନା କୁଆସି ଜା: ଭୂମିଆ ବା: ନିଜଗାଁ |
| ୧୮/୧୧ | ୪୫/୨୫୨ | ୦.୬୯୨ | ୦.୧୨୨ | ଧାନ ଏକ | ରାମ କୁଆସି ପି:ଘେନା କୁଆସି ଜା: ଭୂମିଆ ବା: ନିଜଗାଁ |
| | ମୋଟ | | ୦.୩୨୨ | | |

OIPR-24382/14/0004/2324

## ବାଲେଶ୍ୱର ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ

# ବିଜୁବାବୁଙ୍କ ସାହସିକତା ଓ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବା ଉପରେ ଆଲୋକପାତ

**ବାଲେଶ୍ୱର, ନ୍ୟୁଜ୍**



ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ -୨୦୨୪ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାନ ଜନ ନାୟକ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସାହସିକତା ଏବଂ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ତାଙ୍କର ବିଶେଷ ଅବଦାନ ଉପରେ ଆଲୋକପାତ କରିଥିଲେ । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳରେ ରାସ୍ତାଘାଟ ଠାରୁ ଆରମ୍ଭ କରି ପକ୍କା ଘର, ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେଉଥିବା କହିଥିଲେ । ଏହି ସବୁ କାର୍ଯ୍ୟର ସଫଳତା ଗ୍ରାମରେ ଅନେକ ପରିବର୍ତ୍ତନ ଆଣିପାରିଛି ଏବଂ ଗାଁର ରୂପାନ୍ତର ହୋଇଛି । ଗ୍ରାମ ବିକାଶରେ ଆଜି ମହିଳାମାନେ ସାମିଲ ହୋଇଛନ୍ତି । ଗ୍ରାମରେ ବିକାଶର ଛବି ଉଜ୍ଜ୍ୱଳ ହୋଇଛି । ଅନ୍ୟତମ ସମ୍ମାନିତ ଅତିଥି ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ଦୁଇ ଦଶନ୍ଧି ତଳେ ଆମ ଗ୍ରାମ ମାନଙ୍କର ଯେଉଁ ଚିତ୍ର ଦେଖିବାକୁ ମିଳୁଥିଲା ଆଜି ସେଥିରେ ବିରାଟ ପରିବର୍ତ୍ତନ ଆସିଥିବା ନେଇ ବକ୍ତବ୍ୟ ରଖିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିଥିବା ସେ କହିଥିଲେ । ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଭାରତୀୟ ଗଣତନ୍ତ୍ର ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଆହୁରି ସୁଦୃଢ ହୋଇପାରିଥିବା ମତପୋଷଣ କରିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ସୁଫଳ ପାଇବା ପାଇଁ ଗ୍ରାମାଞ୍ଚଳରେ ଏ ସମ୍ପର୍କରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ ଏବଂ ଶିଳ୍ପ ଭିତ୍ତିଭୂମିର ପ୍ରତିଷ୍ଠା କ୍ଷେତ୍ରରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ଏ ଜାତି ସବୁଦିନ ମନେ ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ତୃଣମୂଳ ସ୍ତରରେ ବିକାଶକୁ ପହଞ୍ଚାଇବାରେ ପଞ୍ଚାୟତିରାଜ ବ୍ୟବସ୍ଥାର ଅନେକ ଅବଦାନ ରହିଥିବା କହିଥିଲେ । ତେବେ ଏହି ଦିବସକୁ ଲୋକସେବା ଦିବସ ଭାବେ ମଧ୍ୟ ପାଳନ କରାଯାଉଛି । ଲୋକମାନଙ୍କ ନିକଟରେ ସରକାରୀ ସୁବିଧା ଓ ସେବା ପହଞ୍ଚାଇବା ପାଇଁ ସରକାରୀ ଅଧିକାରୀମାନେ ସମର୍ପିତ ମନୋଭାବ ନେଇ ନିଜକୁ ଜନସେବାରେ ନିୟୋଜିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ତୃଣମୂଳ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଗ୍ରାମପଞ୍ଚାୟତ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକୁ ପୁରସ୍କାର ସହିତ ଅର୍ଥ ରାଶି ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦ ସଦସ୍ୟ-ସଦସ୍ୟା, ବିଭାଗୀୟ ଅଧିକାରୀମାନଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଭୁବନେଶ୍ୱର
୦୮ ମାର୍ଚ୍ଚ
ଶୁକ୍ରବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24

# କିଟ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




**ଭୁବନେଶ୍ୱର, ୭।୩ ନ୍ୟୁଜ ବ୍ୟୁରୋ**

କିଟ୍ ଓ କିସ୍ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଶିକ୍ଷାନୁଷ୍ଠାନ ସମୂହ ଓ କିସ୍‌ର ମହିଳା କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ । ଡ.ସାମନ୍ତ କହିଲେ ମହିଳାମାନେ ସବୁ କ୍ଷେତ୍ରରେ ପୁରୁଷଙ୍କ ଭଳି ଦକ୍ଷ ଓ କର୍ମଠ । ମହିଳାମାନେ ଆଜି ପ୍ରତିରକ୍ଷା କ୍ଷେତ୍ରଠାରୁ ଆରମ୍ଭ କରି ମହାକାଶ ଗବେଷଣା କ୍ଷେତ୍ର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ଓ ନିଷ୍ଠା ବଳରେ ସଫଳତା ହାସଲ କରିପାରୁଛନ୍ତି । କିଟ୍ ଓ କିସ୍ ସର୍ବଦା ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଇଆସୁଛି। କିଟ୍ ଶିକ୍ଷାନୁଷ୍ଠାନ ସମୂହ ଓ କିସ୍‌ର ୫୦% ପ୍ରତିଶତ କର୍ମଚାରୀ ହେଉଛନ୍ତି ମହିଳା । କିଟ୍ ଓ କିସ୍‌ରେ କାର୍ଯ୍ୟ କରିବାର ଏଭଳି ବାତାବରଣ ରହିଛି ଯେଉଁଠି ପାରସ୍ପରିକ ସମ୍ମାନ ଓ ଆନନ୍ଦ ରହିଥାଏ । ସାମାଜିକ ବିକାଶ, ସୁଖ ଓ ସମୃଦ୍ଧିରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ ମହିଳାମାନେ ହେଉଛନ୍ତି ସମସ୍ତ ଶକ୍ତିର ଉତ୍ସ ବୋଲି ଡ.ସାମନ୍ତ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମହିଳା କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଭିଜିଲାନ୍ସ ଜାଲରେ ବିଆରଏସ ଓ ଆରଆଇ

**ବଲାଙ୍ଗୀର, ୭/୩ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଆଉ ଜଣେ ସରକାରୀ କର୍ମଚାରୀ। ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟର ବ୍ଲକ ରିସୋର୍ସ କୋଡ଼ିନେଟର-ବିଆରଏସଙ୍କୁ ଧରିଛି ଭିଜିଲାନ୍ସ । ୫ ହଜାର ଟଙ୍କା ଲାଞ୍ଚନେବା ବେଳେ ମଧୁସୂଦନ ପଟେଲଙ୍କୁ ରେଡ୍ ହ୍ୟାଣ୍ଡେଡ ଧରିଛି ଭିଜିଲାନ୍ସ । ପାଇଖାନା ନିର୍ମାଣ ବିଲ୍ ପାଇଁ ମହମ୍ମଦ ଆଶିଷଙ୍କ ଠାରୁ ଲାଞ୍ଚ ନେବା ବେଳେ ତାଙ୍କୁ ଗିରଫ କରାଯାଇଛି । ବିଆରଏସ ମଧୁସୂଦନ ପଟେଲଙ୍କ ଘର ପୁଇନ୍ତଲା ବ୍ଲକ୍ କୁରୁଲ୍ ଗାଁରେ ବୋଲି ଭିଜିଲାନ୍ସ ଡିସପି ପୂଲସ୍ତି ଛତ୍ରୀୟା ସୂଚନା ଦେଇଛନ୍ତି । ମଧୁସୂଦନ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି ଭିଜିଲାନ୍ସ ବିଭାଗ ।

ସେହିପରି ଭିଜିଲାନ୍ସ ଜାଲରେ ଗଞ୍ଜାମ ଜଗନ୍ନାଥପ୍ରସାଦ ଆରଆଇ । ପାଞ୍ଚ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପ୍ରମୋଦ କୁମାର ବେହେରାଙ୍କୁ ଧରିଛି ଭିଜିଲାନ୍ସ ଟିମ୍ । ସେ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ତହସିଲ ଭାବେ କାର୍ଯ୍ୟରତ ଥିଲେ ।

# ଲୋକନାଥଙ୍କ ପୀଠରେ ଜଳିଲା ବୃହତ୍ ଅଷ୍ଟଧାତୁ ଦୀପ



**ପୁରୀ, ୭/୩ ନ୍ୟୁଜ ବ୍ୟୁରୋ**

ମହାଶିବରାତ୍ରି ଅବ୍ୟବହିତ ପୂର୍ବରୁ ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ଶ୍ରୀଲୋକନାଥଙ୍କ ପୀଠରେ ଜଳିଛି ଦ୍ୱାଦଶ ବାର୍ଷିକ ବୃହତ୍ ଜଗତ ମଙ୍ଗଳ ଜାଗର ଦୀପ। ସନ୍ଧ୍ୟାରେ ଏସ୍‌ପି ପିନାକ୍ ମିଶ୍ର, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବରିଷ୍ଠ ଦଇତାପତି ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଦୀପକୁ ପ୍ରଜ୍ୱଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ସୁଶୀଳ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୀପର ଉଦ୍ୟୋକ୍ତା ରାମକୃଷ୍ଣ ହୋତା ଅତିଥିଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ୬ଫୁଟ ଲମ୍ବ, ୪ଫୁଟ ଓସାର ଏବଂ ୨ଫୁଟ ଗଭୀର ବିଶିଷ୍ଟ ଅଷ୍ଟଧାତୁରେ ନିର୍ମିତ ଏହି ଦୀପରେ ଏକାଥରେ ୩ କୁଇଣ୍ଟାଲ ଘିଅ ଜଳାଯିବ। ଶ୍ରୀଲୋକନାଥଙ୍କ ମହାଦୀପ ଉଠିବା ପର୍ଯ୍ୟନ୍ତ ଅର୍ଥାତ୍ ୯ ତାରିଖ ପ୍ରତ୍ୟୁଷ ପର୍ଯ୍ୟନ୍ତ ଏହି ଦୀପ ଜଳାଯିବ। ପୂର୍ବରୁ ଏହି ଦୀପ ମାଟିରେ ପ୍ରସ୍ତୁତ ହେଉଥିବା ବେଳେ ଚଳିତ ବର୍ଷ ୨ କୁଇଣ୍ଟାଲ ୩୦ କେଜି ଅଷ୍ଟଧାତୁରେ ଏହା ତିଆରି କରାଯାଇଛି। ପ୍ରାୟ ୧ ମାସ ଧରି ବାଲକାଟୀର ପ୍ରସିଦ୍ଧ କାରିଗର ଭାଗିରଥି ମହାରଣା ଏହି ବୃହତ୍ ଦୀପକୁ ପ୍ରସ୍ତୁତ କରିଛନ୍ତି। ବିଶ୍ୱ କଲ୍ୟାଣ ନିମନ୍ତେ ଏହି ମହାର୍ଘ୍ୟ ଦୀପ ପ୍ରଜ୍ୱଳନ କରାଯାଉଥିବା ଦୀପର ଉଦ୍ୟୋକ୍ତା ରାମକୃଷ୍ଣ ହୋତା କହିଛନ୍ତି।

# ବିଜେଡ଼ିରେ ମିଶିଲେ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ




**ଭୁବନେଶ୍ୱର, ୭/୩ ନ୍ୟୁଜ ବ୍ୟୁରୋ**

ଶଙ୍ଖ ଭବନରେ ବିଜେଡିର ମିଶ୍ରଣ ପର୍ବ। ବିଜେଡିରେ ସାମିଲ ହେଲେ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ । ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମଧ୍ୟ ଏହି ମିଶ୍ରଣ ପର୍ବ ସମୟରେ ଉପସ୍ଥିତ ରହିଥିଲେ । ବିଧିବଧଭାବେ ବିଜେଡିରେ ଯୋଗ ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି । ତେବେ ଅରବିନ୍ଦ କହିଛନ୍ତି କି, ପାଟକୁରାର ବିକାଶକୁ ଆଗକୁ ନେବି। ଆଶା କରୁଛି ନବୀନବାବୁଙ୍କ ଆଶୀର୍ବାଦ ମୋ ଉପରେ ରହିବ ।




# ମହାଶିବରାତ୍ରି ପାଇଁ ବାବା ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ନୀତିକାନ୍ତି ଆରମ୍ଭ



**ଭୁବନେଶ୍ୱର, ୭/୩ ନ୍ୟୁଜ ବ୍ୟୁରୋ**

ରାତି ପାହିଲେ ମହାଶିବରାତ୍ରି । ଚଳଚଞ୍ଚଳ ହୋଇଛି ଏକାମ୍ର କ୍ଷେତ୍ର । ଜାଗର ପାଇଁ ସଜେଇ ହୋଇଛି ବାବା ଲିଙ୍ଗରାଜଙ୍କ ମନ୍ଦିର । ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେଇଛି ମନ୍ଦିର ପ୍ରଶାସନ। ଶୁକ୍ରବାର ଭୋର ୩ଟାରୁ ନୀତିକାନ୍ତି ଆରମ୍ଭ ହେବ । ରାତି ୧୦ରୁ ୧୧ଟା ଭିତରେ ମହାଦୀପ ଉଠିବା ନେଇ ନୀତି ନିର୍ଘଣ୍ଟ ହୋଇଛି । ଶ୍ରୀଲିଙ୍ଗରାଜ ଓ କପିଳେଶ୍ୱରଙ୍କ ଶୃଙ୍ଖଳିତ ଜାଗରଯାତ୍ରା ଲାଗି ବିଏମ୍‌ସି ମାର୍ଗଦର୍ଶିକା ଜାରିକରିଛି । ଅତିରିକ୍ତ କମିସନରଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି । ସେହିପରି ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ୨ ମନ୍ଦିରର ନୋଡାଲ୍ ଅଫିସର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ୩ଟି ସିଫ୍ଟରେ ପୂରା ଏକାମ୍ର କ୍ଷେତ୍ରରେ ସଫେଇ କରାଯିବ । ଏଥିଲାଗି ଶ୍ରୀଲିଙ୍ଗରାଜ ମନ୍ଦିର ଓ କପିଳେଶ୍ୱର ମନ୍ଦିର ଅଞ୍ଚଳରେ ଅତିରିକ୍ତ ସଫେଇକର୍ମୀ ନିୟୋଜିତ କରିବାକୁ ବିଏମସି ଘରୋଇ ସଫେଇ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛି। ସେହିପରି ବିନ୍ଦୁସାଗର ଘାଟ ସଫା କରିବାକୁ ସଫେଇ ସଂସ୍ଥାକୁ କୁହାଯାଇଥିବାବେଳେ ଗୁରୁବାର ସୁଦ୍ଧା ସଫେଇ ଶେଷ କରିବାକୁ କୁହାଯାଇଥିଲା। ବିନ୍ଦୁସାଗରର ଆଲୋକୀକରଣ କରିବାକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମନ୍ଦିର ଚାରିପଟେ ଲିଚୁ ମାଳ ପକାଯାଇ ସୌନ୍ଦର୍ଯ୍ୟକରଣ କରାଯାଇଛି । ଏଥିଲାଗି ବିଏମସିର ଇଲେକ୍ଟ୍ରିକାଲ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ମେୟରଙ୍କ ନିର୍ଦ୍ଦେଶ ମୁତାବକ ୪୦ ହଜାର ଟଙ୍କା ବ୍ୟୟରେ ମନ୍ଦିର ମୁଖଶାଳାର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଖାଲି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ନୁହେଁ ବରଂ ସିଂହଦ୍ୱାର, ଭୋଗ ମଣ୍ଡପ, ଜଗମୋହନ, ଚାହାଣି ମଣ୍ଡପ, ଉତ୍ତର ଦ୍ୱାର, ଦକ୍ଷିଣ ଦ୍ୱାର, ମନ୍ଦିର ପାଚେରି, କେଦାରଗୌରୀ ମନ୍ଦିର ଓ ମୁକ୍ତେଶ୍ୱର ମନ୍ଦିର ସୌନ୍ଦର୍ଯ୍ୟକରଣ କରାଯିବ। ମେକାନିକାଲ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ୨ଟି ପାଣି ଟ୍ୟାଙ୍କର ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଏକ ଭ୍ରାମ୍ୟମାଣ ଶୌଚାଳୟ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ୯ ତାରିଖ ସକାଳ ଯାଏଁ ୩ ସିଫ୍ଟରେ ସ୍ୱଚ୍ଛତା କର୍ମୀଙ୍କୁ ନିୟୋଜିତ କରାଯିବ, ଯେଉଁମାନେ କି ନିୟମିତ ଭ୍ରାମ୍ୟମାଣ ଶୌଚାଳୟକୁ ସଫା ରଖିବେ । ମେଡିସିନ୍, ଆମ୍ବୁଲାନ୍ସ ଓ ଫାଷ୍ଟଏଡ କିଟ୍ ମହଜୁଦ ରଖିବାକୁ ବିଏମ୍‌ସି ହସ୍ପିଟାଲକୁ ନିର୍ଦ୍ଦେଶ ମିଳିଛି । ଜୋନାଲ ଡେପୁଟି କମିସନର ନିୟମିତ କ୍ଷେତ୍ରସ୍ତରୀୟ ଯାଞ୍ଚ କରିବେ ।

# ୧୨ରେ ମଡେଲ ଜେଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୭/୩ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଉପକଣ୍ଠ ଜାମୁଝରି ମୁକ୍ତାକାଶ ଜରାଶ୍ରମ ପରିସର ଓ ମହାତ୍ମା ଗାନ୍ଧୀ କାରାଗାର ଓ ସଂସ୍କାର ସେବା ଏକାଡେମୀ ଛତାବର ଠାରେ ରାଜ୍ୟର ଏକ ମଡେଲ ଜେଲ ନିର୍ମାଣ କରାଯିବ। ଭୁବନେଶ୍ୱରର ଝାରପଡା ଜେଲ ସ୍ଥାନାନ୍ତର କରାଯିବ। ଏହି ଉଦ୍ଦେଶ୍ୟରେ ଆସନ୍ତା ୧୨ ତାରିଖରେ ମଡେଲ ଜେଲର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏନେଇ ଗୁରୁବାର ଜେଲ ଡିଜିଏମ ଏମ. ପ୍ରସାଦ ସେହି ଅଞ୍ଚଳ ପରିଦର୍ଶନ କରିଥିଲେ। ମଡେଲ ଜେଲର ପରିସୀମା ୩୫ ଦଶମିକ ୨ ଏକର ରହିଥିବାବେଳେ ୨ ହଜାର ୫୦୦ କଏଦୀ ରହିବା ଲାଗି ବ୍ୟବସ୍ଥା ହୋଇଛି। ଏହା ୬ ମହଲା ବିଶିଷ୍ଟ ହେବ ଏବଂ ୨ ବର୍ଷ ମଧ୍ୟରେ ଏହାର ନିର୍ମାଣ ସରିବ।

# ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ୨ ବୁଝାମଣାପତ୍ର ସ୍ୱାକ୍ଷରିତ



**ଭୁବନେଶ୍ୱର, ୭/୩ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ୨ଟି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଅମୃତା ବିଶ୍ୱ ବିଦ୍ୟାପୀଠମ୍, କେରଳ ସହିତ ଭୂସ୍ଖଳନ ବିପର୍ଯ୍ୟୟ ପରିଚାଳନା ସଂପର୍କିତ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି । ବ୍ୟାଙ୍କ ସ୍ଥିତ "ରାଇମସ" ଅନୁଷ୍ଠାନ ସହିତ ବହୁମୁଖୀ ପ୍ରଭାବ ଆଧାରିତ ବିପର୍ଯ୍ୟୟ ପୂର୍ବାନୁମାନ ସଂପର୍କରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ବୁଝାମଣାପତ୍ର ଗୁଡ଼ିକ ସରକାରଙ୍କ 'ମିଶନ ଜିରୋ କାଜୁଆଲିଟି' ଏବଂ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଉଦ୍ୟମକୁ ସଫଳ କରାଇବା ଦିଗରେ ସହାୟକ ହେବ । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓସଡମାର ପରିଚାଳନା ନିର୍ଦ୍ଦେଶକ ସତ୍ୟବ୍ରତ ସାହୁଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଚୁକ୍ତିନାମାକୁ ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁସ୍ମିତା ବେହେରା ଏବଂ ଅମୃତା ବିଶ୍ୱ ବିଦ୍ୟାପୀଠମ୍‌ର ନିର୍ଦ୍ଦେଶକ ଡଃ. ମନିଷା ବିନୋଦିନୀ ରମେଶ ସ୍ୱାକ୍ଷର କରିଛନ୍ତି। ସେହିପରି ରାଇମସ୍ ଅନୁଷ୍ଠାନ ସହିତ ସ୍ୱାକ୍ଷରିତ ବୁଝାମଣା ପତ୍ରରେ ଓଏସଡିଏମଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁସ୍ମିତା ବେହେରା ଏବଂ ରାଇମସ୍ ପକ୍ଷରୁ ବରିଷ୍ଠ ଉପଦେଷ୍ଟା ଡଃ. କେ. ଜେ. ରମେଶ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି ।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ଗୋଶାଳାକୁ ସ୍ୱାବଲମ୍ବୀ କରାଇବ ଭର୍ମି କମ୍ପୋଷ୍ଟ : ୫୮ ଗୋଶାଳାକୁ ମିଳିଲା ଅନୁମତି




**ଭୁବନେଶ୍ୱର, ୭/୩ ନ୍ୟୁଜ ବ୍ୟୁରୋ**

ଜିଆଖତ ଗୋଧନ କେନ୍ଦ୍ର ଗୋପାଳକମାନଙ୍କୁ ରୋଜଗାର ପ୍ରଦାନ କରିବ। ଏହା ସହ ବିଭିନ୍ନ ଗୋଶାଳାଗୁଡ଼ିକ ସ୍ୱୟଂସମ୍ପନ୍ନ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଗୋଶାଳା ଓ ଗୋପାଳକମାନଙ୍କୁ ଜିଆଖତ ଗୋଧନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପ୍ରୋତ୍ସାହିତ କରିବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଗୋଶାଳା ଓ ଗୋ-ପାଳକମାନଙ୍କୁ ଜିଆଖତ ଗୋଧନ କେନ୍ଦ୍ର (ଭର୍ମି କମ୍ପୋଷ୍ଟ) ୟୁନିଟ୍ ପ୍ରତିଷ୍ଠା ପାଇଁ ଅନୁମତି ପତ୍ର (ଗୋ ଆହେଡ ଲେଟର) ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟର ୫୮ଗୋଶାଳାକୁ ଏହି ଅନୁମତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ କୃଷି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ପ୍ରାଣୀକଲ୍ୟାଣ ଓ ଗୋପାଳକଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିବଦ୍ଧତା ସ୍ୱରୂପ ଗୋଶାଳାରେ ଜିଆଖତ ଗୋଧନ କେନ୍ଦ୍ର ସ୍ଥାପନ ରାଜ୍ୟ ସରକାରଙ୍କ ଏକ ଅଭିନବ ପଦକ୍ଷେପ। ଜିଆଖତ ଉତ୍ପାଦନ କରି ଗୋଶାଳାଗୁଡ଼ିକ ସ୍ୱାବଲମ୍ବୀ ହୋଇପାରିବେ। ଗୋପାଳକମାନେ ସେମାନଙ୍କ ଆୟକୁ ଅନେକାଂଶରେ ବୃଦ୍ଧି କରିପାରିବେ। ଜିଆଖତ ରାଜ୍ୟର ଜୈବିକ କୃଷିକୁ ପ୍ରୋତ୍ସାହିତ କରିବ। ମୃତ୍ତିକାର ଉର୍ବରତା ଓ ସ୍ୱାସ୍ଥ୍ୟରକ୍ଷା ଦିଗରେ ଉପଯୋଗୀ ହୋଇପାରିବ। ଗୋବର ଓ ଗୋମୂତ୍ର ଆଦି ବର୍ଜ୍ୟବସ୍ତୁର ସୁପରିଚାଳନା କରି ସେଥିରୁ ଭର୍ମିକମ୍ପୋଷ୍ଟ ପ୍ରସ୍ତୁତ କରିବା ପାଇଁ ଗୋଶାଳା, ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଦସ୍ୟ ଓ ଗୋପାଳକମାନଙ୍କ ଗୋଧନ ୟୁନିଟ୍ ପ୍ରତିଷ୍ଠା ପାଇଁ ୫୦ ପ୍ରତିଶତ ସହାୟତା ଓ ସର୍ବାଧିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ପ୍ରାଣୀସମ୍ପଦ ଓ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଓ ଚିକିତ୍ସା ସୁବିଧାକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି। ଦୁଃସ୍ଥ ଓ ଅସହାୟ ବୁଲା ଷଣ୍ଢ, ବଳଦ ଇତ୍ୟାଦିଙ୍କ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ନିରାପଦ ଆଶ୍ରୟସ୍ଥଳ ହେଉଛି ଗୋଶାଳା। ବେସରକାରୀ ସ୍ତରରେ ସ୍ଥାପିତ ହୋଇଥିବା ଗୋଶାଳାଗୁଡ଼ିକରେ ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ ଓ ନୂତନ ଗୋଶାଳା ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଚଳିତ ବର୍ଷ ଏ ବାବଦରେ ପ୍ରାୟ ୯ କୋଟି ଟଙ୍କା ବଣ୍ଟନ କରାଯାଇଛି। ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀସେବା ଯାନର ବ୍ୟବସ୍ଥା ହୋଇଛି ଏବଂ ସହରାଞ୍ଚଳରେ ତୁରନ୍ତ ପ୍ରାଣୀଚିକିତ୍ସା ପାଇଁ ମଧ୍ୟ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଭର୍ମିକମ୍ପୋଷ୍ଟ ଗୋଧନ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଗୋଶାଳାରୁ ଉତ୍ପାଦିତ ବର୍ଜ୍ୟବସ୍ତୁର ସୁପରିଚାଳନା ହେବା ସହିତ ଏଥିରୁ କୃଷି ଉପଯୋଗୀ ମୂଲ୍ୟବାନ ଜିଆଖତ ଉତ୍ପାଦନ ହୋଇପାରିବ। ଏହି ଅବସରରେ ବିଭାଗ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ କର୍ମଶାଳାରେ ବିଭିନ୍ନ ଗୋଶାଳା ଓ ଗୋପାଳକମାନଙ୍କୁ ଜିଆଖତ ଗୋଧନ କେନ୍ଦ୍ର ସ୍ଥାପନ ଓ ପରିଚାଳନା ଏବଂ ଗୋବରରୁ ଜିଆଖତର ଉତ୍ପାଦନର ବୈଷୟିକ ଦିଗ ସମ୍ପର୍କରେ ବିଶଦ ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଗୋଶାଳାର କର୍ମକର୍ତ୍ତା, ଗୋପାଳକ ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।


## ପ୍ରକାଶ ପାଇବାକୁ ଯାଉଛି...

'କଥାକଳିକା' ୧୦ମ ସ୍ୱନକ୍ଷତ୍ର ବିଶେଷାଙ୍କ ସଂଖ୍ୟା, ମାର୍ଚ୍ଚ ୨୦୨୪




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ

**ସମକାଳର କଥା :** ପ୍ରତାପ ବିଶ୍ୱାଳ, କାଳିକିଙ୍କର, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି।

**ଅନ୍ୟଭାଷାର କଥା :** ସୁପ୍ରଭା ରାୟ, ରେବା ପଟ୍ଟନାୟକ।

**ଯୁବ ମାନସର କଥା :** ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ପ୍ରଭାତି ଜେନା, ଜ୍ୟୋସ୍ନା ସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା–୧୪୦ ଏ ସଂଖ୍ୟାର ମୂଲ୍ୟ ୭୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)





## ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ସ୍ନେକ ହେଲ୍ପ ଲାଇନ୍ ସାଧାରଣ ସମ୍ପାଦକଙ୍କ ପତ୍ର

# ସବୁ ସାପ କାମୁଡ଼ା ମୃତ୍ୟୁ ସ୍ୱାଭାବିକ ନୁହେଁ

**ଭୁବନେଶ୍ୱର, ୭/୩ ନ୍ୟୁଜ ବ୍ୟୁରୋ**

ଗତ ଅକ୍ଟୋବର ମାସରେ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗରରେ ମାଆ ଏବଂ ଝିଅଙ୍କର ଡବଲ ମର୍ଡର ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଜଣଙ୍କ ନାଗ ସାପକୁ ବ୍ୟବହାର କରି ନିଜ ପତ୍ନୀ ଓ ଝିଅକୁ ହତ୍ୟା କରିଥିଲା। ଏହି ଘଟଣା ସାରା ରାଜ୍ୟରେ ଚହଳ ପକାଇବା ସହ ହତ୍ୟା ଷଡ଼ଯନ୍ତ୍ରର ଏକ ନୂଆ ଦିଗକୁ ମଧ୍ୟ ଲୋକଲୋଚନକୁ ଆଣିଥିଲା। ତେବେ ଏଇ ଘଟଣାକୁ ଏକ ସ୍ୱାଭାବିକ ସାପ କାମୁଡା ଘଟଣା ଭାବି ପୋଷ୍ଟମର୍ଟମ ସମୟରେ ମୃତକଙ୍କର ଭିସେରା ନମୁନା ସଂଗ୍ରହ କରାଯାଇ ନ ଥିଲା ଏବଂ ପୁଲିସ ମଧ୍ୟ ଏହି ଘଟଣାକୁ ସାଧାରଣ ସାପ କାମୁଡା ଦୁର୍ଘଟଣା ବୋଲି ଭାବି ନେଇଥିଲେ। ମାତ୍ର ମୃତକ ମହିଳାଙ୍କ ପିତା ନିଜ ଜ୍ୱାଇଁଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିବା ପରେ ପୁଲିସ ନିଜର ତଦନ୍ତ ଦିଗ ବଦଳାଇବା ସହ ପ୍ରକୃତ କାରଣ ଜାଣିବାକୁ ପାଇଥିଲା ଓ ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ଘଟଣାରେ ସ୍ଥାନୀୟ ପୁଲିସ ସ୍ନେକ ହେଲ୍ପଲାଇନର ସହାୟତା ଲୋଡ଼ିଥିବା ବେଳେ ସପୁଲିସକୁ ସ୍ନେକ ହେଲ୍ପ ଲାଇନ୍‌ର ଟିମ୍ ଉପାଦେୟ ତଥ୍ୟ ପ୍ରମାଣ ମଧ୍ୟ ଯୋଗାଇବାରେ ସଫଳ ହୋଇଥିଲେ। ତେବେ ଏହିଭଳି ଘଟଣା ଦେଶର ଅନ୍ୟ କିଛି ରାଜ୍ୟରେ ଘଟିଥିବା ବେଳେ ଏମିତି କି ୨୦୧୨ ମସିହାରେ ବ୍ରହ୍ମପୁରରେ ଜଣେ ମହିଳାଙ୍କୁ ନାଗ ସାପ ବିଷ ଇଂଜେକସନ ଦେଇ ହତ୍ୟା କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ତେଣୁ ଆଗକୁ ଏମିତି ମାମଲା ପୁଲିସ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ଏଭଳି ଘଟଣାରେ ଅପରାଧିକ ପୃଷ୍ଠଭୂମିକୁ ଜାଣିବାକୁ ହେଲେ ପୋଷ୍ଟମର୍ଟମ ରିପୋର୍ଟ ଏବଂ ଭିସେରା ସାମ୍ପୁଲ ସଂଗ୍ରହକୁ ଗୁରୁତ୍ୱର ସହ ନେବା ଉଚିତ ବୋଲି ସ୍ନେକ ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ତାଙ୍କ କହିବା ଅନୁଯାୟୀ କେରଳରେ ଏଭଳି ଏକ ମାମଲାରେ ଭିସେରା ସାମ୍ପୁଲ ପରୀକ୍ଷାରୁ ଅଭିଯୁକ୍ତ ସ୍ୱାମୀ ନିଜ ସ୍ତ୍ରୀକୁ ନାଗ ସାପ କାମୁଡେଇବା ପୂର୍ବରୁ ନିଶା ଔଷଧ ଖାଇବାକୁ ଦେଇଥିବା ଜଣା ପଡ଼ିଥିଲା। ଏହି ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ମଧ୍ୟ ହୋଇଛି। କିନ୍ତୁ କବିସୂର୍ଯ୍ୟନଗରରେ ମାଆ-ଝିଅ ଡବଲ ମର୍ଡର ଘଟଣାରେ ନାଗ ସାପ କାମୁଡ଼ା ପୂର୍ବରୁ ସେଇଭଳି କିଛି ନିଶା ଔଷଧ ବ୍ୟବହାର ସନ୍ଦେହ କରାଯାଉଥିଲେ ମଧ୍ୟ ପୋଷ୍ଟମର୍ଟମ ବେଳେ ଭିସେରା ସାମ୍ପୁଲ ନିଆଯାଇ ନ ଥିବାରୁ ଏବେ ତଦନ୍ତ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପାରେ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ତେଣୁ ଏଭଳି ସାପ ବା ବିଷ ପ୍ରୟୋଗ କରି ଅପରାଧ ରୋକିବା ପାଇଁ ପୋଷ୍ଟମର୍ଟମ କରିବା ବେଳେ ରାଜ୍ୟର ମେଡିକାଲ ଅଫିସରମାନେ ଭିସେରା ସାମ୍ପୁଲ ସଂଗ୍ରହ କରିବା ବାଧ୍ୟତାମୂଳକ କରିବା ପାଇଁ ରାଜ୍ୟର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ରଙ୍କୁ ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଇମେଲ ଜରିଆରେ ପତ୍ର ଲେଖିଛନ୍ତି।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com